ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.197 Bhubaneswar Thursday, September 23, 2021 | ୨୪ତମ ବର୍ଷ ସଂଖ୍ୟା-୧୯୭ ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS





ନୂଆଦିଲ୍ଲୀଠାରେ ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ବିଭାଗ, ଭାରତ ସରକାର ଏବଂ ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର ସମାରୋହରେ ମନ୍ତ୍ରୀ ପରସୋର୍ତମ ରୂପାଲ ଉଦ୍‌ବୋଧନ ଦେଉଛନ୍ତି

## ସୀମା ବିବାଦର ସମାଧାନ ପାଇଁ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ୪ଟି ପ୍ରସ୍ତାବ ଦେଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨।୯(ପି.ଏନ): ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ସୀମାବର୍ତୀ ଜିଲ୍ଲା କୋରାପୁଟ ଏବଂ ଗଜପତିରେ ଗାଁକୁ ନେଇ ସୃଷ୍ଟି ହୋଇଥିବା ବିବାଦର ଆପୋଷ ସମାଧାନ ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ ଜଗନ ମୋହନ ରେଡ୍ଡୀଙ୍କୁ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଛନ୍ତି । ଓଡିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ଧ୍ର ଏବଂ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଓ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ କମିଶନରଙ୍କ ସ୍ତରରେ ଯୁଗ୍ମ କାର୍ଯ୍ୟକାରୀ କମିଟି ଗଠନ କରିବା ସହ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ ମୋଟ ୪ଟି ପ୍ରସ୍ତାବ ଦେଇଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ କୋରାପୁଟ ପଟ୍ଟାଙ୍ଗୀ ବ୍ଲକ କୋଟିଆ ଗ୍ରାମ ପଂଚାୟତ ଅନ୍ତର୍ଗତ ୨୦ଟି ଗାଁରୁ ଆରମ୍ଭ ହୋଇଥିବା ବିବାଦ ଏବେ ସୀମାବର୍ତୀ ଅଂଚଳ ଗଜପତି ଜିଲ୍ଲାକୁ ମଧ୍ୟ ବ୍ୟାପିଛି । ଏହା ଦ୍ୱାରା ଆନ୍ତରାଜ୍ୟ ସୀମା ବିବାଦ ସୃଷ୍ଟି ହେଉଛି ଯାହା ଗଭୀର ଚିନ୍ତାଜନକ । ଏହି ସବୁ ବିବାଦ ଦ୍ୱାରା ଆନ୍ଧ୍ର ଏବଂ ଓଡ଼ିଶାର ସୀମାବର୍ତୀ ଗାଁର ସୁରକ୍ଷା ଏବଂ ଅଂଚଳବାସୀଙ୍କ ବିକାଶମୂଳକ ଆକାଂକ୍ଷାରେ କ୍ଷତି ପହଁଚାଉଛି । ଏହି ସୀମା ବିବାଦର ସମାଧାନ କରିବା ସମୟସାପେକ୍ଷ ଏବଂ ଏହାକୁ ସମାଧାନ କରିବା ପାଇଁ ଉଚ୍ଚ ସ୍ତରରେ ପରିପକ୍ୱ ରାଜନୈତିକ ବ୍ୟକ୍ତିବିଶେଷଙ୍କ ହସ୍ତକ୍ଷେପ, ବୁଝାମଣା ତଥା ସହଯୋଗର ଆବଶ୍ୟକତା ରହିଛି । ତୃଣମୂଳ ସ୍ତରରେ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି କଥାବାର୍ତା ମାଧ୍ୟମରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି ।ଏହି ପୃଷ୍ଠଭୂମିରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓଡିଶାର ସ୍ୱାର୍ଥ ନିମନ୍ତେ ଦ୍ୱିପାକ୍ଷିକ ଆଲୋଚନା ପାଇଁ ଏହି ଅନୁକୂଳ ବାତାବରଣ ସୃଷ୍ଟି କରିବା ପାଇଁ ୪ଟି ପ୍ରସ୍ତାବ ଦେଇଛନ୍ତି । ପ୍ରଥମତଃ ବିବାଦୀୟ ଗ୍ରାମ ଗୁଡ଼ିକରୁ ସଶସ୍ତ୍ର ସୁରକ୍ଷା ବଳକୁ ଅପସାରଣ କରାଯାଉ ଏବଂ ସ୍ଥାନୀୟ ଜନପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାକୁ ପ୍ରତ୍ୟାହାର କରାଯାଉ । ଦ୍ୱିତୀୟତଃ ଗ୍ରାମାଂଚଳର ଭିତିଭୂମି,ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମୌଳିକ ସୁବିଧାକୁ ବାଦ୍ ଦେଇ ନୂତନ ଢ଼ାଂଚାଗତ ନିର୍ମାଣକୁ ବର୍ତମାନ ପାଇଁ ସ୍ଥଗିତ ରଖାଯାଉ । ତୃତୀୟତଃ ଏହି ବିବାଦରେ ଆଗାମୀ ଦିନର ରୋଡ଼ମ୍ୟାପ ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା କରାଯାଉ । ଚତୁର୍ଥତଃ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ କମିଶନରଙ୍କ ସ୍ତରରେ ଜଏଂଟ୍ ଓ୍ୱାର୍କିଂ କମିଟି ବା ଯୁଗ୍ମ କାର୍ଯ୍ୟକାରୀ କମିଟି ଗଠନ କରାଯାଉ ବୋଲି ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି । କୋରାପୁଟ ଏବଂ ଗଜପତି ଲୋକଙ୍କର ଦୁର୍ଦ୍ଦଶା ଏବଂ ଚିନ୍ତାକୁ ନେଇ ଜଣେ ଓଡ଼ିଆ ଭାବେ ଶ୍ରୀ ପ୍ରଧାନ ଦୁଃଖିତ ବୋଲି ପତ୍ରରେ ଉଲ୍ଲେଖ କରିଛନ୍ତି । ଆପୋଷ ସମାଧାନ ପାଇଁ ଦ୍ୱିପାକ୍ଷିକ ଆଲୋଚନା ଓ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ବ୍ୟକ୍ତିଗତ ସ୍ତରରେ କେନ୍ଦ୍ର ସରକାରଙ୍କ ତରଫରୁ ସମର୍ଥନ ଦେବା ନେଇ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି ।କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ



ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଐତିହାସିକ ଦୃଷ୍ଟିରୁ ବିକାଶମୁଖୀ ଆହ୍ୱାନ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମରେ ସାମାନ ଭାବେ ଅଂଶୀଦାର । ଉଭୟ ରାଜ୍ୟ ପୂର୍ବଘାଟିରେ ଥିବା ପାହାଡ଼ିଆ ଅଂଚଳରେ ଲୋକଙ୍କ ଜୀବନକୁ ସୁଗମ କରିବା ପାଇଁ ସଂଯୋଗ ସ୍ଥାପନ, ବିକାଶମୂଳକ କାର୍ଯ୍ୟକୁ ସୁନିଶ୍ଚିତ କରିବା ସହ ଭିତିଭୂମିର ବିକାଶ କରିବା ପାଇଁ ଅନେକ ଗୁଡ଼ିଏ ପଦକ୍ଷେପ ନେଉଛନ୍ତି । ଏହି ବିକାଶମୂଳକ ପଦକ୍ଷେପ ଗୁଡିକ ବାମପନ୍ଥୀ ଉଗ୍ରବାଦୀ ଦ୍ୱାରା ଉପୁଜିଥିବା ସମସ୍ୟାକୁ ସମାଧାନ କରିବା ଦିଗରେ ଫଳପ୍ରଦ ସାବ୍ୟସ୍ତ ହୋଇଛି ।ସୀମାବର୍ତୀ ଗ୍ରାମାଂଚଳରେ ଶାନ୍ତି ଫେରାଇବା ଏବଂ ବାମପନ୍ଥୀ ଉଗ୍ରବାଦୀ ଉପଦ୍ରବକୁ ଦମନ କରିବା ପାଇଁପ୍ରଶାସନ, ପୋଲିସ ଓ ସୁରକ୍ଷା ବଳ, ରାଜନେତା ଏକଜୁଟ୍ ହୋଇ କାମ କରୁଛନ୍ତି । କିନ୍ତୁ ଏହା ଦୁର୍ଭାଗ୍ୟଜନକ ଯେ, ସାମ୍ପ୍ରତିକ ପରିସ୍ଥିତିରେ ଆନ୍ତଃରାଜ୍ୟ ସୀମାକୁ ନେଇ ଏକ ବିବାଦ ସୃଷ୍ଟି ହେବା ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି । ଏହି ସବୁ ବିବାଦ ଦ୍ୱାରା ଏହି ଅଂଚଳରେ ଅନେକ ବର୍ଷ ଧରି ହୋଇଥିବା ବିକାଶମୂଳକ କାର୍ଯ୍ୟ ଦିଗହରା ହେବାର ସମ୍ଭାବନା ରହିଛି । ଏହି ପରିସ୍ଥିତି ଉଭୟ ରାଜ୍ୟର ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ସ୍ୱାର୍ଥ ଉପରେ ମଧ୍ୟ କୁପ୍ରଭାବ ପକାଇ ଲୋକଙ୍କ ଆସ୍ଥା ହରାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ତେବେ ଓଡିଶାର ଲୋକଙ୍କ ସାମାଜିକ-ଆର୍ଥିକ ସ୍ୱାର୍ଥ ସହ ସାଲିସ୍ ନକରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ମାମଲାରେ ଏକ ଅନୁକୂଳ ଓ ପରସ୍ପର ସହମତ ଉପରେ ଏକ ଚୁକ୍ତି ଉପରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ।

## ୨୫ରୁ ପୁଣି ବଢିବ ବର୍ଷା

ଭୁବନେଶ୍ୱର, ୨୨।୯(ପି.ଏନ): ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ତେବେ ୨୫ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ୫ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା ଆଦି ରହିଛି । ଉକ୍ତ ଜିଲ୍ଲାଗୁଡ଼ିକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଅପରପକ୍ଷରେ ସେପ୍ଟେମ୍ବର ୨୨ରୁ ୨୩ ତାରିଖ ମଧ୍ୟରେ ଉତର ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଓ ବଜ୍ରପାତ ସମ୍ଭାବନା ରହିଛି ।

ତେବେ ସେପ୍ଟେମ୍ବର ୨୩ରୁ ୨୫ ତାରିଖରେ ପାଗ ମୁଖ୍ୟତଃ ଶୁଖିଲା ରହିବ । ଏହାପରେ ସେପ୍ଟେମ୍ବର ୨୫ରୁ ବର୍ଷାର ପରିମାଣ ବୃଦ୍ଧି ପାଇବା ସହ ୨୭ ତାରିଖ ପର୍ଯ୍ୟନ୍ତ ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ଓ କାଳବୈଶାଖୀ ସମ୍ଭାବନା ରହିଛି ।

## ରାଜଧାନୀରେ ୨୪ ଘଂଟାରେ ୧୮୬ ପଜିଟିଭ୍

ଭୁବନେଶ୍ୱର, ୨୨।୯(ପି.ଏନ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ବୁଧବାର ଦିନ ଆଉ ୧୮୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୩୮ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୪୮ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୧୫୨ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଲୋକାଲ ମାମଲା ମଧ୍ୟରୁ ଚନ୍ଦ୍ରଶେଖରପୁରରୁ ସର୍ବାଧିକ ୧୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖଣ୍ଡଗିରିରୁ ୧୩ ଜଣ, ନୟାପଲ୍ଲୀ ଓ ମଂଚେଶ୍ୱରରୁ ୮ ଜଣ ଲେଖାଏଁ, ପଟିଆରୁ ୭ ଜଣ, ରସୁଲଗଡରୁ ୬ ଜଣ, ଶୈଳଶ୍ରୀବିହାର, ଭୀମଟାଙ୍ଗୀ, ବଡଗଡ ଓ ସାମନ୍ତରାପୁରରୁ ୫ ଜଣ ଲେଖାଏଁ ,ଭିଏସଏସନଗର , ପାତ୍ରପଡା ଓ ନିଳାଦ୍ରୀବିହାରରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୧୩୫୯ କୁ ବୃଦ୍ଧି ପାଇଛି ।

## ଗୋଟିଏ ଦିନରେ ୭୩୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୨।୯(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୭୩୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୧୯୫୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୦୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୮ ହଜାର ୨୨୬ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୫୨୧ ରହିଛି । ଆଜି ଚିହ୍ନଟ ହୋଇଥିବା ୭୩୪ଜଣଙ୍କ ମଧ୍ୟରୁ ୪୨୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୧୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୩୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୫,ଭଦ୍ରକରୁ ୧୦ ଜଣ ସଂକ୍ରମିତ ହୋଇଥିବା ବେଳେ ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୯୧ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୧ ଜଣ ଓ ଗଂଜାମ ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୨ ଜଣ, ଯାଜପୁରରୁ ୨୯ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୬ ଜଣ, କେନ୍ଦୁଝରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୩୩୫ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୪ ଜଣ ଓ ମାଲକାନଗିରି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ଼ରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀରୁ ୧୭ ଜଣ, ରାୟଗଡ଼ାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୭, ସୋନପୁରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୧୩ ଜଣ ଓ ଷ୍ଟେଟ୍ ପୁଲରୁ ୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ବଲାଙ୍ଗୀରରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୯(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ବଲାଙ୍ଗୀର ଜିଲ୍ଲା ଗସ୍ତ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ଜିଲ୍ଲାର ଟିଟିଲାଗଡ, ପାଟଣାଗଡ ଓ ବଲାଙ୍ଗୀର ଟାଉନ ଗସ୍ତ କରି ଟିଟିଲାଗଡରେ ଜିଲ୍ଲାର ପ୍ରଥମ ହିତାଧିକାରୀ ଭାବରେ ସରୋଜିନୀ ବହିଦାରଙ୍କୁ ସ୍ମାର୍ଟ ହେଲଥ୍ କାର୍ଡ ପ୍ରଦାନ କରି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜିଲ୍ଲାର ସାଢେ ଚାରି ଲକ୍ଷ ପରିବାର ଏହି ସୁବିଧା ପାଇବେ । ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ୨୦୦ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ କରିବା ସହିତ ୫୯୭ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତିପ୍ରସ୍ତର ରଖିଥିଲେ । ପାଟଣାଗଡରେ ମୁଖ୍ୟମନ୍ତ୍ରୀ ହରିଶଙ୍କର ପୀଠର ବିକାଶ ପାଇଁ ଭିତିପ୍ରସ୍ତର ମଧ୍ୟ ରଖିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ ସ୍ମାର୍ଟ ହେଲ୍‌ଥ କାର୍ଡର ବ୍ୟବସ୍ଥା ସାଧାରଣ ଲୋକଙ୍କର ଚିକିତ୍ସା ବ୍ୟବସ୍ଥାରେ ରୂପାନ୍ତର ଆଣିପାରିବ ବୋଲି ମତ ଦେଇଥିଲେ । ସାରା ଓଡିଶାରେ ୯୬ ଲକ୍ଷ ପରିବାର ଏହି ସୁବିଧା ପାଉଥିବା ବେଳେ, ବଲାଙ୍ଗୀର ଜିଲ୍ଲାର ସାଢେ ଚାରି ଲକ୍ଷ ପରିବାର ଏହି ସୁବିଧା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କାର୍ଡ ପାଖରେ ରହିଲେ, ଚିକିତ୍ସା ପାଇଁ କୌଣସି ଡକୁମେଂଟ ଦରକାର ନାହିଁ । କେବଳ କାର୍ଡଟିକୁ ନେଇ ଲୋକମାନେ ଦେଶର ୨୦୦ ବଡ ବଡ ହସପିଟାଲରେ ବିନା ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ପାଇପାରିବେ । ପରିବାର ପାଇଁ ବର୍ଷକୁ ୫ ଲକ୍ଷ ଟଙ୍କା ଏବଂ ମହିଳା ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିପାରିବ । ଟଙ୍କା ପାଇଁ କେହି ଉତମ ଚିକିତ୍ସା ସୁବିଧାରୁ ବଂଚିତ ନ ହୁଅନ୍ତୁ, ଏହା ହିଁ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ପ୍ରଥମେ ଟିଟିଲାଗଡ ଗସ୍ତ କରି ସେଠାରେ ଅନେକ ନୂଆ ପ୍ରକଳ୍ପ ଆରମ୍ଭ କରିଥିଲେ । ଟିଟିଲାଗଡ-ସଇଁତଳା ବ୍ଲକ୍ ରେ ସଂପୂର୍ଣ୍ଣ ହୋଇଥିବା ପାଇପ ପାଣି ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ଟିଟିଲାଗଡ ଟାଉନ୍‌କୁ ସବୁ ଘରକୁ ପାଇପ ପାଣି ପ୍ରକଳ୍ପର ଭିତିପ୍ରସ୍ତର ରଖିଥିଲେ । ପାଟଣାଗଡରେ ମୁଖ୍ୟମନ୍ତ୍ରୀ ଅନେକ ପ୍ରକଳ୍ପ ମଧ୍ୟରେ ପ୍ରସିଦ୍ଧ ହରିଶଙ୍କର ପୀଠର ବିକାଶ ପାଇଁ ଭିତିପ୍ରସ୍ତର ରଖିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହରିଶଙ୍କର ପୀଠ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ତୀର୍ଥକ୍ଷେତ୍ର ହେବା ସହିତ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ । ଶେଷରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲା ଗସ୍ତ କରି ସେଠାରେ ମଧ୍ୟ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ସେହିପରି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟ ରୂପେ ଗଢିତୋଳିବା ପାଇଁ ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି ଯେ ସ୍ୱାସ୍ଥ୍ୟ ହେଉ କି ଚାଷୀଙ୍କ ପାଇଁ କାଳିଆ ଯୋଜନା, ଦେଶରେ ଆଗ ସେ କାମ କରନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଜୁ ଜନତା ଦଳ କାହାକୁ ଅନୁସରଣ କରେ ନାହିଁ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରୀ ମଣ୍ଡଳର ସଦସ୍ୟଗଣ ବିକ୍ରମ କେଶରୀ ଆରୁଖ, ନିରଂଜନ ପୂଜାରୀ, ପଦ୍ମନାଭ ବେହେରା, ସୁଶାନ୍ତ ସିଂ, ନବ ଦାସ, ଟୁକୁନି ସାହୁ , ଦିବ୍ୟଶଙ୍କର ମିଶ୍ର, ସାଂସଦ ସଙ୍ଗୀତା ସିଂହଦେଓ ବିଧାୟକ ନରସିଂହ ମିଶ୍ର, ବିଧାୟକ ସରୋଜ ମେହେର, ସନ୍ତୋଷ ସିଂ ସାଲୁଜା,ମୁକେଶ ମହାଲିଙ୍ଗ ଓଟିଡିସିର ଅଧକ୍ଷା ଶ୍ରୀମୟୀ ମିଶ୍ର, ଏବଂ ଅନେକ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ ।

## ଦୁର୍ନୀତି ଓ ଅନିୟମିତତାର ଗନ୍ତାଘର ପାଲଟିଛି ସାଧାରଣ ଉଦ୍ୟୋଗ ବିଭାଗ : କଂଗ୍ରେସ

ଭୁବନେଶ୍ୱର, ୨୨।୯(ପି.ଏନ): ସାଧାରଣ ପ୍ରଶାସନ ବିଭାଗ ଦୁର୍ନୀତି ଓ ଅନିୟମିତାରେ ବୁଡ଼ି ଯାଇଛି ଏବଂ ଏହାର କାର୍ଯ୍ୟାଳୟ ସ୍ୱାସ୍ଥ୍ୟବୀମା କମ୍ପାନୀ ଗୁଡ଼ିକର ଅଫିସ ପାଲଟି ଯାଇଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀ ଅଫସିରଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ପ୍ରଦେଶ କଂଗ୍ରେସ ଦାବି କରିଛି । ବୁଧବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଅମିୟ ପାଣ୍ଡବ ଅଭିଯୋଗ କରିଛନ୍ତି ଯେ ଗତ ୭ ବର୍ଷ ହେଲା ବିଭାଗର ପ୍ରମୁଖ ଶାସନ ସଚିବ କୌଣସି କାମ ନକରି ଆଡା ଜମାଇ ବସିଛନ୍ତି । ଦିନଟିଏ ମଧ୍ୟ ଅଫିସକୁ ଆସୁ ନାହାଁନ୍ତି । ଗତ ମୌସୁମୀ ଅଧିବେସନରେ ମୁଖ୍ୟ ଶାସନ ସଚିବ ସବୁ ବିଭାଗ ପାଇଁ ଏକ ନିର୍ଦ୍ଦେଶାନାମ ଜାରି କରିଥିଲେ ଯେ କୌଣସି ସଚିବ ବା ବିଭାଗୀୟ ଅଧିକାରୀ ବିନା ଅନୁମତିରେ ବାହାରକୁ ଯାଇପାରିବେ ନାହିଁ । ମାତ୍ର ସାଧାରଣ ଉଦ୍ୟୋଗ ବିଭାଗର ଦିନଟିଏ ମଧ୍ୟ ଅଫିସ ଆସିଲେ ନାହିଁ । ସେହିପରି ୨୦୧୮ ମାର୍ଚ୍ଚ ମାସରେ ଅର୍ଥବିଭାଗର ନିର୍ଦ୍ଦେଶନାମା କହିଛି ଯେ ଯଦି କୌଣସି ବିଭାଗ ସ୍ୱତନ୍ତ୍ର ପରାମର୍ଶ ଦାତା ନିଯୁକ୍ତ କରେ, ଅତିବେଶିରେ ସେମାନେ ମାସିକ ୪୨ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ନେଇପାରିବେ । ମାତ୍ର ଏଠାରେ ନିଯୁକ୍ତ ପରାମର୍ଶଦାତା ମାନେ ୭୦ ହଜାରରୁ ଉର୍ଦ୍ଧ୍ୱ ଦରମା ନେଉଛନ୍ତି କିପରି ? ୨୦୧୯-୨୦ ବର୍ଷରେ ଏହା ଅଧିନସ୍ଥ ୯ଟି ନିଗମରେ ୧୭୩୩ କୋଟି ଟଙ୍କା କ୍ଷତି ହୋଇଛି । ତାଙ୍କ ଅଧିନରେ ୩୭ଟି ନିଗମ ମଧ୍ୟରୁ କେତୋଟିକୁ ସିଏ ପରିଦର୍ଶନ କରିଛନ୍ତି ବା ସମୀକ୍ଷା ବୈଠକ ଡାକିଛନ୍ତି ତାର ହିସାବ ଦିଅନ୍ତୁ ବୋଲି ଦାବି କରିବା ସହ ସୋସାଇଟ ଅର୍ଥରେ କିଣାଯାଇଥିବା ପ୍ରାୟ ୯୦ ହଜାର ଟଙ୍କା ମୂଲ୍ୟର ଜେନେରେଟର ସେଟ କେଉଁ ବାବୁଙ୍କ ବାସଭବନରେ ଲାଗିଛି ତାହାର ତଦନ୍ତ ଦାବି କରିଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି କାର୍ଯ୍ୟାଳୟଟି ଗତ ୪ ବର୍ଷ ହେଲା ସ୍ୱାସ୍ଥ୍ୟବୀମା କମ୍ପାନୀଗୁଡ଼ିକର ଶାଖା କାର୍ଯ୍ୟାଳୟ ପାଲଟି ଯାଇଛି ଏବଂ ସେଠି ସରକାରୀ କର୍ମଚାରୀ ଓ ବିଭିନ୍ନ ନିଗମ କର୍ମଚାରୀଙ୍କୁ ବର୍ଷ ତମାମ ସ୍ୱାସ୍ଥ୍ୟବୀମାରେ ଅନ୍ତର୍ଭୁକ୍ତ କରିବାର କାମ ଚାଲିଛି । ରିତମତ ଟେବୁ ଚୌକି ପକାଇ କମ୍ପାନୀର ଏଜେଂଟମାନେ ସେମାନଙ୍କ ବ୍ୟବସାୟ କରୁଥିବାରୁ ପ୍ରତିଦିନ ଶହ ଶହ ଲୋକଙ୍କ ଭିଡ଼ ଜମୁଛି । ଏଥିରେ ଏହି ଅଫିସର ମାନଙ୍କ ସହଯୋଗ ଓ ସଂପୃକ୍ତି କେବଳ ନୁହେଁ ତୃତୀୟ ପକ୍ଷର ଏଜେଂଟ ଭାବେ ପ୍ରତ୍ୟକ୍ଷ ଲାଭାଂଶର ଅଂଶୀଦାର ବୋଲି ଅଭିଯୋଗ କରି ସେ ଆପାରଗ ଅଫିସରଙ୍କୁ ତୁରନ୍ତ ସେଠୁ ହଟାଇବା ସହ ସମସ୍ତ ଦୁର୍ନୀତି ଓ ଅନିୟମିତାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ପାଣ୍ଡବ ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ପଦ୍ମାକର ଗୁରୁ ଏବଂ ପ୍ରଶାନ୍ତ ଶତପଥି ଉପସ୍ଥିତ ଥିଲେ ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ (୧୮୩୫-୧୯୦୪)

❖ ନାସା ପ୍ରଥମ ସକ୍ରିୟ ସାଟେଲାଇଟ୍ ରିଲେ-୧କୁ ମହାଆକଶକୁ ପଠାଇଥିଲା (୧୯୬୨)

❖ ଭାରତୀୟ ସଂସଦ ଭବନରେ ଆତଙ୍କବାଦୀଙ୍କ ଆକ୍ରମଣ, ଆତଙ୍କବାଦୀ ସମେତ ୧୨ ମୃତ (୨୦୦୧)

❖ ଭାରତୀୟ ଅର୍ଥଶାସ୍ତ୍ର ବିଶାରଦ ସଂଜୟ ଲାଲଙ୍କ ଜନ୍ମ (୧୯୪୦-୨୦୦୫)

❖ ଭାରତୀୟ ଅଭିନେତ୍ରୀ ତଥା ଗୀତିକାର ସ୍ୱସ୍ତିକା ମୁଖାର୍ଜୀଙ୍କ ଜନ୍ମ (୧୯୮୦)

❖ ଭାରତୀୟ ବିଜ୍ଞାନ ଓ ପ୍ରଦ୍ୟୋଗିକ ମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ଜନ୍ମ (୧୯୫୪)

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଊଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

## ଆଜିର ଭାଗ୍ୟ

**ମେଷ**: ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ**: ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ**: ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ**: ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ**: ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା**: ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା**: ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା**: ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ**: ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର**: କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ**: ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ**: ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍‌ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।






# ୭୫ ବର୍ଷ ସ୍ୱାଧୀନତାର ସତ !



ଇତିମଧ୍ୟରେ ଭାରତ ତାର ୭୫ବର୍ଷ ସ୍ୱାଧୀନତାରେ ପାଦ ଥାପିଛି । ଏବେ ସ୍ୱାଧୀନତାର ସ୍ୱାଦ ଲୋକଙ୍କ ନିକଟରେ ପହଞ୍ଚି ପାରିଛି, ସେ ବିଷୟରେ ଆଲୋଚନା କରିବା ବେଳ ଆସିଛି । ଯଦ୍ୱାରା ଆମେ ବିଗତ ଦିନର ଅସଫଳତାରୁ ଶିକ୍ଷାଲାଭ କରି ଦେଶକୁ ପ୍ରଗତି ପଥରେ ନେଇ ପାରିବା । କୌଣସି ଦେଶର ୭୫ବର୍ଷରେ ଇତିହାସ ଏକ କମ୍ ସମୟ ନୁହେଁ । ତେଣୁ ସଫଳତା ଓ ବିଫଳତାର ଦୋଛକିରେ ଭାରତ ପହଞ୍ଚିଛି । ଗୋଟିଏ ପଟେ ଉଚ୍ଛୁଳା ଭାରତ ଓ ଅନ୍ୟପଟେ ଉଜୁଳା ଭାରତ ଆମ ଅର୍ଥନୀତିର ବାସ୍ତବ ଚିତ୍ରକୁ ସାମ୍ନାକୁ ଆଣୁଛି । ଏହା କ'ଣ ଥିଲା ସ୍ୱାଧୀନ ଭାରତର ସ୍ୱପ୍ନ ? ଏହା କ'ଣ ଥିଲା ଆମକୁ ସ୍ୱାଧୀନତା ଆଣି ଦେଇଥିବା ଜାତିର ପିତା ମହାତ୍ମାଗାନ୍ଧୀଙ୍କ ସ୍ୱପ୍ନ ?

ପୃଥିବୀ ଇତିହାସ ପୃଷ୍ଠାରେ ଯେଉଁ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଉଲ୍ଲେଖ ଅଛି ସେମାନଙ୍କ ମଧ୍ୟରେ ମହାତ୍ମାଗାନ୍ଧୀ ଅନ୍ୟତମ । ଜାତିର ପିତା ମହାତ୍ମାଗାନ୍ଧୀ କେବଳ ଭାରତ ଇତିହାସରେ ନୁହେଁ ସମଗ୍ର ବିଶ୍ୱରେ ଜଣେ ମହାମାନବ ଭାବରେ ସୁପରିଚିତ । ଭାରତୀୟ ରାଜନୀତିରେ ମହାତ୍ମାଗାନ୍ଧୀଙ୍କ ପ୍ରବେଶ ଭାରତର ମୁକ୍ତି ସଂଗ୍ରାମକୁ ଏକ ନୂଆ ମୋଡ ଦେଇଥିଲା । ଏହି ସଂଗ୍ରାମ ସମୟରେ ସେ ସତ୍ୟ ଓ ଅହିଂସା ଉପରେ ଆଧାରିତ ନୂତନ ଅସ୍ତ୍ର ସତ୍ୟାଗ୍ରହର ପ୍ରବର୍ତ୍ତନ କରିଥିଲେ । ଏହା ଏକ ଅଭିନବ ଅସ୍ତ୍ର ଯାହାର ପ୍ରୟୋଗରେ ରକ୍ତପାତ ନଥିଲା, କାହା ପାଖରେ ଲୁହ ନଥିଲା, ଅଥଚ ଯୁଦ୍ଧ ଜୟ ଥିଲା । ସେହିଦୃଷ୍ଟିରୁ ବିଚାର କଲେ ସେ ଥିଲେ ଶ୍ରେଷ୍ଠମାନଙ୍କ ମଧ୍ୟରେ ଶ୍ରେଷ୍ଠତମ । ବୋଧହୁଏ ବୁଦ୍ଧ ଓ ଯୀଶୁଙ୍କ ପରେ ମହାତ୍ମାଗାନ୍ଧୀ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏ ସମଗ୍ର ବିଶ୍ୱର ଜନଜୀବନରେ ଗଭୀର ପ୍ରଭାବ ସୃଷ୍ଟି କରିପାରିଥିଲେ । ବିଶିଷ୍ଟ ବୈଜ୍ଞାନିକ ଆଇନଷ୍ଟାଇନ୍‌ଙ୍କ ମତରେ - "ଆଗାମୀ ବଂଶଧର କ୍ୱଚିତ୍ ବିଶ୍ୱାସ କରିପାରନ୍ତି ଯେ ଏମିତି ଜଣେ ରକ୍ତ-ମାଂସଧାରୀ ବ୍ୟକ୍ତି ଏ ପୃଥିବୀପୃଷ୍ଠରେ ପଦାର୍ପଣ କରିଥିଲେ ।"

ମହାତ୍ମାଗାନ୍ଧୀଙ୍କ ଆଦର୍ଶ ସମକାଳୀନ ବିଶ୍ୱରେ ଥିଲା ବିରଳ । ସତ୍ୟ ଓ ଅହିଂସା ଥିଲା ତାଙ୍କର ଅମୋଘ ଅସ୍ତ୍ର । ୧୮୯୩ ମସିହାରୁ ୧୯୧୪ ମସିହା ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାରେ ରହଣି ମଧ୍ୟରେ ଗାନ୍ଧିଜୀ ସେଠାକାର ଗୋରା ସରକାରଙ୍କ ବିରୋଧରେ ଯେଉଁ ଅମୋଘ ଅସ୍ତ୍ର ପ୍ରୟୋଗ କରିଥିଲେ ତାହା ସତ୍ୟାଗ୍ରହ ନାମରେ ପରିଚିତ । ଅହିଂସା ଆନ୍ଦୋଳନକୁ ଜାରି ରଖି ଦକ୍ଷିଣ ଆଫ୍ରିକାର ଜନସାଧାରଣମାନଙ୍କ ଅଧିକାର, ସମାନତା ଓ କଳାଗୋରା ଭେଦଭାବର ପରିସମାପ୍ତି ଘଟାଇଥିଲେ । ୧୯୧୫ ମସିହାରେ ଗାନ୍ଧିଜୀ ଭାରତକୁ ଫେରିଆସିଲେ । ସେ ଶାନ୍ତିର ଦେବଦୂତ ହୋଇଆସିଥିଲେ । ଭାରତୀୟ ମୁକ୍ତି ସଂଗ୍ରାମକୁ ଏକ ନୂଆ ମୋଡ ଦେଇ ସେ ତାର ମଙ୍ଗୁଆଳ ସାଜିଥିଲେ । ୧୯୨୦ ମସିହାରେ ଅସହଯୋଗ ଆନ୍ଦୋଳନ, ୧୯୩୦ରେ ଲବଣ ସତ୍ୟାଗ୍ରହ ଓ ଶେଷରେ ୧୯୪୨ରେ ଭାରତଛାଡ ଆନ୍ଦୋଳନର ଫଳସ୍ୱରୂପ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତବର୍ଷ ପରାଧୀନତାର ଶୃଙ୍ଖଳରୁ ମୁକ୍ତହେଲା । ପରାକ୍ରମୀ ଇଂରେଜ ସରକାର ତାଙ୍କ ପାଖରେ ପରାଜୟ ସ୍ୱୀକାର କଲେ । ଏହା ଥିଲା ସେହି ମହାମାନବଙ୍କ ଐକାନ୍ତିକ ନିଷ୍ଠା ଓ ନିରବଚ୍ଛିନ୍ନ ସାଧନାର ଫଳ । ସେଥିପାଇଁ ସେ ମାହାମାନବର ଆସନରେ ଆସୀନ । ଗାନ୍ଧିଜୀଙ୍କ ବିଷୟରେ କାନ୍ତକବି ଲେଖିଛନ୍ତି-

*"ହେ ମୋହନ ! କି ମୋହନ ମନ୍ତ୍ର ଦେଲ ଚାଳି/ଭାରତର ବକ୍ଷେ ଦେଲ ଅଗ୍ନିଶିଖା ଜାଳି । ଜଗାଇଲ କୋଟି କୋଟି ପ୍ରାଣେ ଉଦ୍ଦୀପନା/ଖେଳିଗଲା ସାରାଦେଶେ ତପ୍ତ ଉନ୍ମାଦନା ।"*

ପ୍ରତ୍ୟେକ କାର୍ଯ୍ୟରେ ପ୍ରତିମୁହୂର୍ତ୍ତରେ ଗାନ୍ଧୀ ହିଁ ଥିଲେ ମଣିଷଜାତିର ବିଶ୍ୱାସ । ଗାନ୍ଧୀଦର୍ଶନ ଆଜି ସାରା ପୃଥିବୀରେ ଆଦୃତ ହେଉଛି । ତାଙ୍କ ମତରେ ସବୁ ସମସ୍ୟା ସମାଧାନର ଚାବିକାଠି ସତ୍ୟ ଓ ଅହିଂସା । ସତ୍ୟ ହିଁ ସବୁଠାରୁ ସ୍ୱଚ୍ଛ ଓ ବିନା ମୂଲ୍ୟରେ ହାସଲ କରାଯାଇପାରେ । ସତ୍ୟ ହିଁ ଈଶ୍ୱର ଓ ଶ୍ରମ ହେଉଛି ତାହାର ଉପାସନା । ସତ୍ୟ ନିକଟରେ ପହଞ୍ଚିବା ଅର୍ଥ ଈଶ୍ୱରଙ୍କ ନିକଟରେ ପହଞ୍ଚିବା । ସତ୍ୟର ନିକଟତର ହେବାର ମାର୍ଗ ହେଉଛି ଅହିଂସା । ଗାନ୍ଧୀଙ୍କ ଆଦର୍ଶ ଓ ଦୃଷ୍ଟିକୋଣକୁ ନେଇ ଆମ ଦେଶ ସ୍ୱାଧୀନ ହେବାର ୨୦ ବର୍ଷ ପରେ ଏସିଆ ଓ ଆଫ୍ରିକାର ବହୁ ପରାଧୀନ ଦେଶ ଶାନ୍ତିପୂର୍ଣ୍ଣ ଉପାୟରେ ସ୍ୱାଧୀନତା ଲାଭ କରିବାରେ ସଫଳ ହେଲେ । ଅନ୍ୟ ଏକ ଦିଗରୁ ଅନଶନ ବେଶ୍ କିଛିଦିନ ପରେ ପ୍ରମାଣ କରିଛି ଯେ 'ଗାନ୍ଧିବାଦ'ର ପ୍ରୟୋଗ ଯେକୌଣସି ସ୍ଥିତିରେ କରାଯାଇ ଆଖିଦୃଶିଆ ସଫଳତା ଆଶା କରାଯାଇପାରେ । କେବଳ ସ୍ୱାଧୀନତା ସଂଗ୍ରାମ ନୁହେଁ, ଧର୍ମନିରପେକ୍ଷତାର ଏକ ନିଚ୍ଛକ ପ୍ରତିଛବି ଥିଲେ ମହାତ୍ମାଗାନ୍ଧୀ । କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମର ଗଣ୍ଡି ଭିତରେ ବାନ୍ଧି ହୋଇ ନ ଥିଲେ ସେ । ସର୍ବଧର୍ମ ସମନ୍ୱୟ ଥିଲା ତାଙ୍କ ଜୀବନର ମୂଳମନ୍ତ୍ର । ସେଥିପାଇଁ ତାଙ୍କ ପ୍ରାର୍ଥନା ସଭାରେ ସବୁଧର୍ମର ସାରକଥା ଆଲୋଚିତ ହେଉଥିଲା । ସେ କହୁଥିଲେ ଆମେ ସମସ୍ତେ ପରମପିତାଙ୍କ ସନ୍ତାନ-ମାତ୍ର ଭିନ୍ନ ଭିନ୍ନ ଭାବରେ ତାଙ୍କୁ ଉପାସନା କରୁଛୁ ।

ଦେଶକୁ ପ୍ରଗତିପଥରେ ନେବାକୁ ଗାନ୍ଧିଜୀ ଚାହୁଁଥିଲେ । ସେ ଥିଲେ ଦରିଦ୍ର, ନିଷ୍ପେଷିତ, ଅବହେଳିତ ଜନତାର ଆଶା ଓ ଆକାଂକ୍ଷାର ପ୍ରତୀକ । ଗାନ୍ଧୀ ଆଧୁନିକ ମଣିଷର ଉପଭୋଗ ପାଗଳାମିରେ ବିବ୍ରତ ହୋଇପଡିଥିଲେ । ସେଥିପାଇଁ ସେ ମୌଳିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଚାଲିଥିଲେ - ଏଥିରେ ସବୁ ରଚନାତ୍ମକ କାର୍ଯ୍ୟକ୍ରମକୁ ବ୍ୟବହାରିକ ରୂପ ଦେବାର ଚାବିକାଠି ରହିଛି । ନିଶା ନିବାରଣ ଉପରେ ମଧ୍ୟ ଗାନ୍ଧି ସର୍ବଦା ଗୁରୁତ୍ୱ ଦେଉଥିଲେ । ତାଙ୍କ ମତରେ ନିଶା ସେବନ ମଣିଷକୁ ବିପଥଗାମୀ କରିବା ସଙ୍ଗେ ସଙ୍ଗେ ତାର ଆର୍ଥିକ ଉନ୍ନତିରେ ଅନ୍ତରାୟ ହୋଇଥାଏ । ସ୍ୱାଧୀନତାର ୭୫ ବର୍ଷ ପରେ ବି କୌଣସି ରାଜ୍ୟ ସମ୍ପୂର୍ଣ୍ଣ ନିଶାମୁକ୍ତ ହୋଇପାରିଲା ନାହିଁ । ନାରୀଶିକ୍ଷା ଓ ନାରୀ ଜାଗରଣ ଉପରେ ଗାନ୍ଧିଜୀ ସର୍ବଦା ଗୁରୁତ୍ୱ ଦେଉଥିଲେ । ତାଙ୍କର ସ୍ୱପ୍ନର ଭାରତରେ ମହିଳାମାନଙ୍କୁ ପୁରୁଷମାନଙ୍କ ସହିତ ସମାନ ମର୍ଯ୍ୟାଦା ଦେବାପାଇଁ ସେ ମଧ୍ୟ କହିଥିଲେ । ଆଜି ଭାରତରେ ନାରୀମାନେ ସବୁଠାରୁ ଅସୁରକ୍ଷିତ ବୋଲି କୁହାଯାଉଛି । ଦିଲ୍ଲୀଠାରୁ ଆରମ୍ଭ କରି ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଏକ କଥା- ସବୁଠି ନାରୀ ନିର୍ଯ୍ୟାତନା, ଅତ୍ୟାଚାର ଓ ଗଣଦୁଷ୍କର୍ମର କରୁଣସ୍ୱର । ଏଥିସହିତ ଦୁର୍ନୀତି, ଭ୍ରଷ୍ଟାଚାର, ସାମ୍ପ୍ରଦାୟିକତା, ଜାତିବାଦ ତଥା ଅପରାଧୀକରଣ ଆମ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି । ବିଶ୍ୱର ବହୁ ଦେଶରେ ଗାନ୍ଧୀବାଦର ଅଭ୍ୟୁଦୟ ହୋଇଥିବା ବେଳେ ଆମ ଦେଶ ଗାନ୍ଧୀଦର୍ଶନଠାରୁ ଦୂରେଇଯାଉଥିବାର ଲକ୍ଷ୍ୟ କରାଯାଉଛି ।

ଅହିଂସା ଓ ସତ୍ୟର ଅସ୍ତ୍ର ଧରି ଲଢ଼ାଯାଇଥିବା ଭାରତର ସ୍ୱାଧୀନତା ଆନ୍ଦୋଳନ ୧୯୪୭ ମସିହା ଅଗଷ୍ଟ ୧୫ରେ ହାସଲ ହୋଇଥିଲା । ସେହି ଦିନ ସାରା ଭାରତ ଏହି ଉତ୍ସବ ମନାଉଥିବା ବେଳେ କିନ୍ତୁ ଆମକୁ ସ୍ୱାଧୀନତା ଦେଇଥିବା ମହାମାନବ ମହାତ୍ମାଗାନ୍ଧୀ ଦଙ୍ଗା କ୍ଷତିଗ୍ରସ୍ତ ନୂଆଖାଲିର ଏକ କୁଡ଼ିଆରେ ବସି ଆଖିରୁ ଲୁହ ଝରାଉଥିଲେ । ଏହାହିଁ ଇତିହାସର ବିଡ଼ମ୍ବନା । ଖାଲି ସେତିକି ନୁହେଁ, ଭାରତରେ ରାମରାଜ୍ୟ ଗଢିବାର ଯେଉଁ ସ୍ୱପ୍ନ ଗାନ୍ଧିଜୀ ଦେଖିଥିଲେ, ତାହା ଅଧୁରା ରହିଗଲା । ତାଙ୍କର ଘଟଣାବହୁଳ ଜୀବନର ଅନ୍ତ ହେଲା ଆତତାୟୀର ଗୁଳିଚୋଟରେ । ସ୍ୱାଧୀନତାର ୭୫ ବର୍ଷ ପରେବି ଜାତିର ପିତା ମହାତ୍ମାଗାନ୍ଧୀଙ୍କ କଥା ଭାରି ମନେପଡୁଛି । ତାଙ୍କ ରାମରାଜ୍ୟ ସ୍ୱପ୍ନ ଏବେବି ଅଧୁରା । ଦରିଦ୍ର-ନିଷ୍ପେଷିତ ଜନତା ଆଖିରୁ ଏବେବି ଲୁହ ଶୁଖିନି । ନାରୀମାନଙ୍କ କଥା କହିଲେ ନସରେ । ଦୁର୍ନୀତି ଓ ଭ୍ରଷ୍ଟାଚାର କଥା ଆହୁରି ତଦୃପ । ଏସବୁ ଦେଖି ସେ କିଭଳି ବ୍ୟଥିତ ହେଉଥିବେ ସେକଥା ଚିନ୍ତା କରିବାର ଅଛି ।

**ହିମାଂଶୁଶେଖର ଆଚାର୍ଯ୍ୟ**
**ଜଗତସିଂହପୁର, ମୋ- ୯୯୩୭୧୫୧୦୫୨**

# ମହିମା ଧର୍ମ ଏକ ସ୍ୱତନ୍ତ୍ର ଧର୍ମ



ଓଡିଶା ମାଟିରୁ ସୃଷ୍ଟି ହୋଇଥିବା ଏକମାତ୍ର ଧର୍ମ ମହିମା ଧର୍ମ, ଏକ ସ୍ୱତନ୍ତ୍ର ସ୍ଥାନ ନେଇଛି । ଓଡିଶାର ଲୋକ ସଂଖ୍ୟାର ଏକ ତୃତୀୟାଂଶ ଏହି ଧର୍ମରେ ଦିକ୍ଷୀତ । ଏହି ଧର୍ମର ବିଚାରଧାରା ଓ ସରଳ ନିରାଡମ୍ବର ଜୀବନ ଯାପନ ସାଧାରଣ ଜନତାଙ୍କୁ ଆକୃଷ୍ଟ କରିଛି । ଶୁନ୍ୟ ନିରାକାର, ଅଲେଖ, ପରଂ ବ୍ରହ୍ମରେ ବିଶ୍ୱାସ ରଖୁଥିବା ଏହି ଧର୍ମର ମୂଳମନ୍ତ୍ର ହେଉଛି, ଜଗତ ଭକତର ଉଦ୍ଧାର । ନିଜ ଜୀବନକୁ ତିଳ ତିଳ କରି ସାମାନ୍ୟତମ ଆବଶ୍ୟକତାକୁ ଗ୍ରହଣ କରି ଜଗତ ଜନଙ୍କ ଉଦ୍ଧାର ପାଇଁ ନିଜ ସୁଖ, ଶାଂକୁ ଉତ୍ସର୍ଗୀକୃତ କରିବା ବିଶ୍ୱର ଏକମାତ୍ର ଜନ କଲ୍ୟାଣକାରୀ ଧର୍ମ ଭାବରେ ପରିଚିତ । ସଇେଥିଯୋଗୁଁ ଯଥାର୍ଥରେ ମହିମା ଧର୍ମର ମୂଳ ଚିନ୍ତାଧାରାକୁ ଜାତିସଂଘରେ ସ୍ଥାନୀତ କରାଯାଇଅଛି । ମହିମା ଧର୍ମର ନୀତି ଓ ଆଦର୍ଶ ସମ୍ପୁର୍ଣ୍ଣ ଅଲଗା ଓ ବିଜ୍ଞାନସମ୍ମତ । ଏଣୁ ଯେତେବେଳେ ଦେଶରେ ଧର୍ମାନ୍ତରୀକରଣ ପାଇଁ ବିଭିନ୍ନ ବାହ୍ୟ ଧର୍ମ ପ୍ରଚାରକଙ୍କ ସାଧାରଣ ଗରୀବ ଗୁରୁବାଙ୍କ ଉପରେ ଚାପ ପଡିଲା, ତାକୁ ରୋକିବା ପାଇଁ ହିନ୍ଦୁ ଧର୍ମର କେତେକ କଳୁଷିତ ଧର୍ମ ଚିନ୍ତନକୁ ଲୋକଙ୍କ ମନରୁ ହଟାଇ ଐକ୍ୟ ଭାବରେ ଉଦ୍‌ବୁଦ୍ଧ କରି ଏକ ପ୍ରେମ ସୂତ୍ରରେ ବାନ୍ଧି ରଖିବାର ଅଦମ୍ୟ ସଂଗ୍ରାମ କରି ସମାଜରେ ସଂସ୍କାରଧର୍ମୀ ଚିନ୍ତାର ବୀଜ ରୋପଣ କରିଥିଲେ ମହିମା ଗୋସେଇଁ । ସନ ୧୮୨୬ରୁ ୧୮୭୬ ମସିହାରେ ଦେଶରେ ଇଂରେଜମାନଙ୍କ ତାଡନା ସାଙ୍ଗକୁ ବହୁଳ ଭାବରେ ବାହ୍ୟ ଶତ୍ରୁ ମାନଙ୍କ ଦ୍ୱାରା ଗାଆଁ ଗାଆଁରେ ପଶି ଧର୍ମାଂକରଣକୁ ଯେଭଳି ଭାବେ ନିରୀହ ଅବହେଳିତ ଲୋକଙ୍କ ଉପରେ ଲଦି ଦେବାକୁ ଦୁର୍ବାର ଚେଷ୍ଟା ଚାଲିଲା, ସେଥିରୁ ଲୋକମାନଙ୍କୁ ରୋକିବା



ସହ ସରଳ ଜୀବନ ଯାପନରେ ଶୁନ୍ୟ, ନିରାକାର, ଅଲେଖ ପରଂ ବ୍ରହ୍ମ ଉପରେ ବିଶ୍ୱାସ ରଖିବାକୁ ମହିମା ସ୍ୱାମୀ ଲୋକଙ୍କୁ ପ୍ରବର୍ତାଇବା ସହ ଲୋକଙ୍କ ମନରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐକ୍ୟଭାବ ଜାଗ୍ରତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ଓ ମହିମା ଧର୍ମରେ ଲୋକଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ । ମହିମା ଗୋସେଇଁଙ୍କ ଅମର ବାଣୀ ପ୍ରତ୍ୟେକ ନାଗରିକଙ୍କ ହୃଦୟକୁ ଛୁଇଁ ଥିଲା ଓ ହଜାର ହଜାର ସଂଖ୍ୟାରେ ତାଙ୍କ ଧର୍ମରେ ଦିକ୍ଷୀତ ହୋଇ ବାହ୍ୟ ଧର୍ମ ପ୍ରଚାରକମାନଙ୍କୁ କଡା ଜବାବ ଦେଇଥିଲେ ।

ମହିମା ଧର୍ମରେ ଦିକ୍ଷୀତ ହୋଇଥିବା ଲୋକଙ୍କ ସରଳ ନିରାଡମ୍ବର ଜୀବନ ଶୈଳୀ ସାଙ୍ଗକୁ ଅହିଁସା, ଜୀବେଦୟା, ପରୋପକାରୀ, ସତ୍ୟବାଦୀତା ଲୋକଙ୍କ ମନ ଭିତରେ ଏକ ନୂତନ ସିହରଣ ଓ ଉତ୍ସାହ ସୃଷ୍ଟି କରିଥିଲା । ଯାହାକି ଏହି ଧର୍ମକୁ ବିଶ୍ୱାସ କରୁଥିବା ପ୍ରତ୍ୟେକ ଭକ୍ତ ନିସ୍ୱାର୍ଥୀ ଜୀବନ କାଟିବା ଦ୍ୱାରା ଭାଇଚାରା ଓ ବନ୍ଧୁତ୍ୱ ଭାବ ଜାଗ୍ରତ ହେଲା ଓ ଲୋକଙ୍କ ଭିତରେ ଶାନ୍ତି ଭାବର ଏକ ଅପୂର୍ବ ସ୍ୱଭାବ ପ୍ରସ୍ଫୁଟିତ ହେଲା ।

ଯେଭଳି ହିନ୍ଦୁ ଧର୍ମରୁ ହିଁ ବୌଦ୍ଧ, ଜୈନ୍ୟ, ଶିଖ ଆଦି ବିଭିନ୍ନ ଧର୍ମର ସୃଷ୍ଟି ହୋଇ ନିଜର ନିଜସ୍ୱ ଧର୍ମକୁ ଜଗତ ଭକ୍ତଙ୍କଠାରେ ବାଂଟି ଦେଇଛନ୍ତି, ଠିକ ସେହିଭଳି ଉତ୍କଳ ପ୍ରଦେଶରୁ ସୃଷ୍ଟ ଏହି ସ୍ୱତନ୍ତ୍ର ନିଜସ୍ୱ ଧର୍ମ ଆଜି ଜଗତ ଭକତଙ୍କ ହୃଦୟରେ ସ୍ଥାନ ପାଇ ସାରିଛି । ଏହି ଧର୍ମ ଏକ ସ୍ୱତନ୍ତ୍ର ଧର୍ମ ହୋଇଥିବାରୁ ତଦାନୀତନ ଢେଙ୍କାନାଳ ରାଜା ଏକଦା ମହିମା ସ୍ୱାମୀଙ୍କୁ ବିପୁଳ ସମ୍ପତି ପ୍ରଦାନର ମୋହ ଦେଖାଇଥିଲେ ବି ସେ ସେସବୁକୁ ସହାସ୍ୟ ବଦନରେ ତୁଚ୍ଛ କରି ଦେଇଥିଲେ ଓ ତ୍ୟାଗୀର ଏହା କି କାମରେ ଆସିବ ବୋଲି ଗୋଟିଏ ପଦରେ ଉତର ଦେଇଥିଲେ । ପରବର୍ତି ସମୟରେ ମହିମାସ୍ୱାମୀଙ୍କ ପ୍ରଚାରୀତ ମହିମା ଧର୍ମର ରକ୍ଷା ଓ ପରିଚାଳନା ପାଇଁ କିଛି ଜମିର ପ୍ରାବଧାନ ବିଭିନ୍ନ ଅଂଚଳମାନଙ୍କରେ କରାଯାଇଥିଲା, ଯାହାକୁ କି ଆଜି ମହିମା ଧାମ ଯୋରନ୍ଦା ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ । ମହିମା ସ୍ୱାମୀଙ୍କର ପରିବେଶ ପ୍ରିତି ଥିଲା । ସେ କପିଳାସର ବିପରିତ ପାଖରେ ପର୍ବତର ଶିଖରରେ ବନ୍ୟଜନ୍ତୁଙ୍କ ମଧ୍ୟରେ ବାରବର୍ଷ ଫଳାହାରରେ ଓ ବାର ବର୍ଷ କ୍ଷିରାହାର କରି ସାଧନାରେ ଥିଲେ । ଆଜି ସେହି ମନୋରମ ସ୍ଥାନ ତପୋବନର ବିକାଶ କିଛିମାତ୍ରାରେ ହୋଇ ସ୍ୱାମୀଙ୍କ ସ୍ମୃତିକୁ ମନେ ପକାଇ ଦେଉଛି ।

ମହିମା ସ୍ୱାମୀ ନିଜେ ୧୮୬୨ ମସିହାରୁ ଗ୍ରାମେ ଗ୍ରାମେ ଭ୍ରମଣ କରି ମହିମା ଧର୍ମର ପ୍ରଚାର ଓ ପ୍ରସାର ଦିଗରେ ନିଜକୁ ନିୟୋଜିତ କରି ରଖିବା ସହ ମାନବବାଦର ମୂଳତତ୍ୱକୁ ଭକ୍ତମାନଙ୍କ ମନରେ ଭରି ଦେଇଥିଲେ । ଫଳରେ ଦେଶରେ ଶାନ୍ତି ଓ ମୈତ୍ରୀଭାବ ଜାଗ୍ରତ କରିବାରେ ସେ ଥିଲେ ଜଣେ ଅଗ୍ରଣୀ ଯୋଦ୍ଧା । ଆଜି ରାଜ୍ୟସାରା ପ୍ରାୟ ୫୦୦୦ରୁ ଉର୍ଦ୍ଧ୍ୱ ମହିମା ଧର୍ମର ଉପାସନା ପୀଠ ରହିଛି । ରାଜ୍ୟ ବାହାରେ ମଧ୍ୟ ବହୁ ରାଜ୍ୟରେ ମହିମା ଧର୍ମର ଉପାସନା ପୀଠ ରହି ଭକ୍ତଙ୍କ କଲ୍ୟାଣ ନିମିତ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଛି । ବିଦେଶରୁ ମଧ୍ୟ ବହୁ ଭକ୍ତ ମହିମା ଧର୍ମର ନୀତି ଓ ଆଦର୍ଶ ପ୍ରତି ଅନୁପ୍ରାଣିତ ହୋଇ ଧର୍ମରେ ଦିକ୍ଷୀତ ହୋଇଥିବା ଓ ସ୍ୱାମୀଙ୍କ ବାଣୀକୁ ଗବେଷଣା କରୁଥିବା ବିଭିନ୍ନ ପତ୍ର ପତ୍ରିକା ଓ ଯୋଗାଯୋଗରୁ ଜଣାପଡୁଛି । ଆମ ରାଜ୍ୟରେ ପ୍ରାୟ ଏକ କୋଟିରୁ ଉର୍ଦ୍ଧ୍ୱ ମହିମା ଧର୍ମୀ ବସବାସ କରୁଛନ୍ତି ଏବଂ ଧର୍ମ ପରିଚାଳନା ପାଇଁ ଭକ୍ତମାନଙ୍କର ଉତ୍ସର୍ଗୀକୃତ ମନୋଭାବ ହେତୁ ସମସ୍ତ ଧର୍ମପୀଠ ଗୁଡିକର ଯଥାସାଧ୍ୟ ଉନ୍ନତି ମୂଳକ କାର୍ଯ୍ୟ ହୋଇ ପାରିଛି । ଯେଉଁ ହାରରେ ପୀଠଗୁଡିକର ବିକାଶ ହେବା କଥା ସେଭଳି ହୋଇ ପାରିନାହିଁ ବା ଏଥିପ୍ରତି ସରକାରଙ୍କ ସେଭଳି ଶୁଭଦୃଷ୍ଟି ପଡିନାହିଁ ବୋଲି ଭକ୍ତମାନଙ୍କର ଅଭିଯୋଗ ରହିଛି ।

ମହିମା ଧର୍ମ ଏକ ସ୍ୱତନ୍ତ୍ର ଧର୍ମ ବୋଲି ମହିମା ଧର୍ମର ବାବା ଓ ଭକ୍ତମାନେ ବାରମ୍ବାର ଦାବି କରି ଆସୁଛନ୍ତି । ଗତ ଅଶି ଦଶକରେ ମହିମାଧାମ ଯୋରନ୍ଦାରେ ମହିମା ସ୍ୱାମୀ ବିଜେଙ୍କ ଥିବା ସ୍ଥାବର ସମ୍ପତିର ମାଲିକାନାକୁ ନେଇ ହୋଇଥିବା ବିବାଦରେ ଦେବୋତର ବିଭାଗକୁ ହସ୍ତକ୍ଷେପ କରିବା ସହ ସୁପରିଚାଳନା ଉଦ୍ଦେଶ୍ୟରେ ମାରଫତ୍‌ଦାରରେ ବକ୍କଳଧାରୀ ମହିମା ସମାଜ ଓ କୌପିନଧାରୀ ମହିମା ସମାଜ ସହ ଦେବୋତର ଆୟୋଗକୁ ରଖାଯାଇଥିଲା । ହେଲେ ପରବର୍ତି ସମୟରେ ସନ ୨୦୦୫ମସିହାରେ ମାନ୍ୟବର ଉଚ୍ଚ ନ୍ୟାୟାଳୟକୁ ଦେବୋତର ବିଭାଗର କୌଣସି ଭୂମିକା ନ ଥିବା କହି ନିଜେ ଦେବୋତର ଆୟୋଗ ମାରଫତ୍‌ଦାରରୁ ଓହରି ଯାଇଥିଲେ । ଦେବୋତର ବିଭାଗ କେବଳ ହିନ୍ଦୁ ମଠ, ମନ୍ଦିରଗୁଡିକର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ଉଦ୍ଦିଷ୍ଟ ଥିବା ବେଳେ ମହିମା ଧର୍ମ ପୀଠମାନଙ୍କ ପ୍ରତି କୌଣସି ପ୍ରକାର ଦୃଷ୍ଟି ଦେଉ ନ ଥିବା ହେତୁ ମହିମା ଧର୍ମୀମାନେ ପରିଚାଳନା ଓ ମାଲିକାନା ସତ୍ୱ ପାଇଁ ଓଡିଶା ନ୍ୟାୟାଳୟର ଆଶ୍ରୟ ନେଉଥିବା ଦେଖାଯାଉଛି । ତେବେ ସ୍ୱତଃ ପ୍ରଶ୍ନ ଆସେ, ରାଜ୍ୟର ଏକ ତୃତୀୟାଂଶ ଜନତା ମହିମା ଧର୍ମରେ ଦିକ୍ଷୀତ ହୋଇ ରାଜ୍ୟରେ ବସବାସ କରୁଥିବା ବେଳେ, ସେମାନଙ୍କର ଧର୍ମର ପରିଚାଳନା ପାଇଁ ସରକାରୀ ସ୍ତରରେ କୌଣସି ବ୍ୟବସ୍ଥା ହୋଇନାହିଁ । ଏହା ସରକାରଙ୍କ ନଜରରେ ରହିଛି ନା ନାହିଁ ଏବଂ ଏଥିପ୍ରତି ସରକାର କେତେଦୂର ସଚେତନ ସେ ନେଇ ସାଧାରଣ ଭକ୍ତ ମହଲରେ ପ୍ରଶ୍ନ ହେଉଛି । ହେବା ହିଁ ସ୍ୱଭାବିକ । ରାଜ୍ୟରେ ମହିମା ଧର୍ମର ରକ୍ଷଣାବେକ୍ଷଣ ଓ ପରିଚାଳନାଗତ ତୃଟିବିଚ୍ୟୁତି ସହ ସୁରକ୍ଷା ପାଇଁ ରାଜ୍ୟ ସରକାର କିଛି ପଦକ୍ଷେପ ନେବାର ଆବଶ୍ୟକ ରହିଛି ନା ନାହିଁ, ସେ ବିଷୟରେ ସରକାରୀ ସ୍ତରରେ ଆଲୋଚନା ହେବା ଉଚିତ ।

ମହିମାଧର୍ମୀମାନେ ନିଜ ନିଜର ଧର୍ମପୀଠ ଗୁଡିକର ପରିଚାଳନା ପାଇଁ ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ ୧୮୬୦ ଅନୁସାରେ ଅନୁବନ୍ଧିତ ହୋଇ କାର୍ଯ୍ୟ କରି ଆସୁଥିବା ବେଳେ କେତେକ ଧର୍ମପୀଠଗୁଡିକ ଏବେ ପଂଜିକରଣ କରିପାରୁ ନଥିବା ନେଇ ସନ୍ଦିହାନ ଭିତରେ ରହୁଛନ୍ତି । ଦେବୋତର ବିଭାଗ ପକ୍ଷରୁ ହିନ୍ଦୁ ଧର୍ମର ମଠ, ମନ୍ଦିର ଗୁଡିକ ପାଇଁ କୌଣସି ପ୍ରକାର ପରିଚାଳନା କମିଟି ଉପରୋକ୍ତ ଆଇନ ଅନୁସାରେ ଅନୁବନ୍ଧିତ କରି ପାରିବେ ନାହିଁ ବୋଲି, ଆୟୋଗ ସ୍ପଷ୍ଟ ମତ ଦେଇଥିବା ବେଳେ, ସେମାନେ ଦେବୋତର ବିଭାଗ ଦ୍ୱାରା ଅନୁବନ୍ଧିତ ହେବା ପାଇଁ କୁହାଯାଇଛି । ସେହି ଆଦେଶ ମୁତାବକ ଯେଉଁଠି କିଛି କମିଟି ପଂଜିକରଣ ହୋଇ କାର୍ଯ୍ୟ କରୁଛି ସେଗୁଡିକ ରଦ୍ଦ କରିବାର ନିର୍ଦ୍ଦେଶ ରହିଛି । ଏ ପରିପ୍ରେକ୍ଷୀରେ ମହିମା ଧର୍ମକୁ ଜିଲ୍ଲା ସ୍ତରରେ ଗ୍ରହଣ ନ କରି ହିନ୍ଦୁ ଅନୁଷ୍ଠାନ କହି ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ ୧୮୬୦ ଅନୁସାରେ ପଂଜିକରଣ କରିବାକୁ ମନା କରୁଛନ୍ତି । ଫଳରେ ମହିମା ଧର୍ମୀମାନେ ଏକ ସନ୍ଦେହ ଭିତରେ କାଳାତିପାତ କରୁଛନ୍ତି । ଦେବୋତର ବିଭାଗରେ ବହୁ ମହିମା ପୀଠ ଇଣ୍ଡେକ୍ସ କରିବା ପାଇଁ ବହୁ ଦିନରୁ ଆବେଦନ କରିଥିଲେ ମଧ୍ୟ ସେମାନଙ୍କର କୌଣସି ପ୍ରକାର କାର୍ଯ୍ୟ କରାଯାଉନାହିଁ । ଏ ପରିସ୍ଥିତିରେ ମହିମା ଧର୍ମପୀଠର ପରିଚାଳନା ପାଇଁ ସରକାରୀ ସ୍ତରରେ ଏକ ସ୍ୱତନ୍ତ୍ର ଆଇନ ଅନୁସାରେ ପରିଚାଳନା ପାଇଁ ବ୍ୟବସ୍ଥା ହେବାର ଆବଶ୍ୟକତା ରହିଛି । କିନ୍ତୁ ସରକାରୀ ସ୍ତରରେ ସେଭଳି କୌଣସି ଠୋସ ପଦକ୍ଷେପ ନିଆଯାଉ ନ ଥିବାରୁ ରାଜ୍ୟରେ ଥିବା ସମସ୍ତ ମହିମା ଧର୍ମ ପୀଠଗୁଡିକର ପରିଚାଳନା ଗତ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ମହିମା ଧର୍ମକୁ ଏକ ସ୍ୱତନ୍ତ୍ର ଧର୍ମର ମାନ୍ୟତା ପାଇଁ ସମସ୍ତ ମହିମା ଧର୍ମୀ ବାବା ଓ ଭକ୍ତମାନଙ୍କର ଦାବିକୁ ଯଥାର୍ଥ ବୋଲି ବିବେଚନା କରି ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଆଇନ ଆଣିବାକୁ ଦାବି କରୁଛନ୍ତି । ଦେଖାଯାଉ ସରକାର କେବେ ମହିମା ଧର୍ମକୁ ସ୍ୱତନ୍ତ୍ର ଧର୍ମର ମାନ୍ୟତା ଦେଉଛନ୍ତି ?

**ଗୋପାଳ ଚନ୍ଦ୍ର ନାଥ,** ସାମ୍ବାଦିକ, ଅନୁଗୋଳ । ମୋ- ୯୪୩୭୨୯୦୬୬୨

# ଧରମଚାନ୍ଦ ଖଣିର ଜଙ୍ଗଲ ଜମି ଅଧିଗ୍ରହଣ ନିମନ୍ତେ ଗ୍ରାମସଭା ସଫଳ



ଯୋଡ଼ା (ପିଏନ): ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୪ ନଂ ଓାର୍ଡ଼ ବିଚାକୁଣ୍ଡିସ୍ଥିତ ଦଲପାହାଡ଼ ଅଚଂଳରେ ଧରମଚାନ୍ଦ ଜୈନଙ୍କର ଦଲପାହାଡ଼ ଲୌହ ଓ ମାଙ୍ଗାନିଜ ଖଣି ଅବସ୍ଥିତ । ଏହି ଖଣି ଖନନ ଓ ଉତୋଳନ ପାଇଁ ଜଙ୍ଗଲ ଜମି ଅଧିଗ୍ରହଣ ନିମନ୍ତେ ସରକାରଙ୍କ ନିୟମ ଅନୁଯାୟୀ ଏକ ଓାର୍ଡ଼ ସଭା ମାଧ୍ୟମରେ ଜନ ଶୁଣାଣୀ କାର୍ଯକ୍ରମ ୧୧ଟା ୩୦ ଘଟିକା ସମୟରେ ଦଲପାହାଡ଼ ଅଙ୍ଗନଓାଡ଼ି କେନ୍ଦ୍ର ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏଥିନେଇ ପୌରପାଳିକା ପକ୍ଷରୁ ନୋଟିସ୍ ସଂଖ୍ୟା ୬୬୫୨/ ୨୩.୦୮.୨୦୨୧ରେ ଏକ ବିଜ୍ଞପ୍ତି ମଧ୍ୟ ଜାରି କରାଯାଇଥିଲା । ଏହି ଦଲପାହାଡ଼ ଖଣିଟି ବୈତରଣୀ ସଂରକ୍ଷିତ ଜଙ୍ଗଲ ସଂଖ୍ୟା ୨ରେ ଥିବାବେଳେ ଏହା ୧୦୧. ୧୭୧ ହେକ୍ଟର ପରିମିତ ଜମିରେ ଅବସ୍ଥିତ । ବହୁଦିନ ଧରି ଏହି ଖଣିଟି ବନ୍ଦ ପଡ଼ି ରହିଥିବା ବେଳେ ଏହି ଅଚଂଳର ସ୍ଥାନୀୟ ବାସିନ୍ଦାମାନେ କାମ ପାଇବାରୁ ବଚିଂତ ଥିଲେ । ତେବେ ଏହି ଖଣିଟିକୁ ଚାଲୁ କରିବା ପାଇଁ ସରକାର ଅନୁମତି ଦେଇଥିବାରୁ ସ୍ଥାନୀୟ ଲୋକମାନେ କାମଧନ୍ଦା ପାଇବା ସହ ସ୍ଥାନୀୟ ଅଚଂଳର ମୌଳିକ ସୁବିଧାରେ ସୁଧାର ଆସିବା ନେଇ ଆଶାବାନ୍ଧିଥିବା ପରିଲକ୍ଷିତ ହେଉଛି । ଏହି ଓାର୍ଡ଼ର ଲୋକମାନେ ପୂର୍ଣ୍ଣ ସମର୍ଥନ ସହ ଜନଶୁଣାଣୀକୁ ସଫଳ କରିବାରେ ସହଯୋଗ କରିଛନ୍ତି । ଏହି ଖଣିଟି ୧୦ ବର୍ଷ ପରେ କାର୍ଯ୍ୟକ୍ଷମ ହେବାକୁ ଥିବାବେଳେ ଜଙ୍ଗଲ ଜମି ଅଧିଗ୍ରହଣ ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଯୋଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧକ୍ଷତାରେ ୧୪ ନମ୍ବର ଓାର୍ଡ଼ବାସୀଙ୍କୁ ନେଇ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଏହି ଗ୍ରାମସଭାରେ ସମସ୍ତ ଗ୍ରାମ ଲୋକ ଉପସ୍ଥିତ ରହି ନିଜର ମତାମତ ଖଣି ସପକ୍ଷରେ ରଖିଥିବା ଦେଖିବାକୁ ମିଳିଥିଲା ।

# ଅସନ୍ତୁଷ୍ଟ ହସ୍ତଶିଳ୍ପ ବ୍ୟବସାୟୀ ଓ ପ୍ରଶାସନ ମୁହାଁମୁହିଁ



କୋଣାର୍କ (ପିଏନ୍): ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ପ୍ଲଟ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗରେ କୋଣାର୍କ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଅସନ୍ତୁଷ୍ଟ ହସ୍ତଶିଳ୍ପ ବ୍ୟବସାୟୀଙ୍କ ଧାରଣା ୧୮ ଦିନରେ ପହଂଚିଛି । ଏହି ସମସ୍ୟାର ସମାଧାନ ହୋଇ ନ ପାରିବାରୁ ଗତ ସୋମବାର ଅପରାହ୍ନରେ ଅସନ୍ତୁଷ୍ଟ ହସ୍ତଶିଳ୍ପ ବ୍ୟବସାୟୀ ଓ ପ୍ରଶାସନ ଉଭୟ ମୁହାଁମୁହିଁ ହୋଇଥିଲା । ଗତ କିଛି ଦିନ ହେଲା ନୂଆ ପ୍ଲଟରେ ହସ୍ତଶିଳ୍ପ ବ୍ୟବସାୟୀ ଦୋକାନ ଖୋଲିବାରୁ ଆଇଓଏଫ ପାର୍କିଂ ପାଚେରୀ କଡ ମଙ୍ଗଳା ମନ୍ଦିର ନିକଟରେ ଅସନ୍ତୁଷ୍ଟ ହସ୍ତଶିଳ୍ପ ବ୍ୟବସାୟୀମାନେ ଦୋକାନ ଖୋଲିବା ଆରମ୍ଭ କରିଥିଲେ । ଫଳରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା । ଏହି ଦୋକାନ ଉଛେଦ କରିବା ପାଇଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ ଶ୍ରୀନିବାସ, ଆଇଆଇସି ରଞ୍ଜନ କୁମାର ମଲ୍ଲିକ ପୁଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଂଚିଥିଲେ । ଉଛେଦ ଆରମ୍ଭ କରିବା ପୂର୍ବରୁ ଅସନ୍ତୁଷ୍ଟ ବ୍ୟବସାୟୀମାନେ ଟ୍ରାକ୍ଟର ସମ୍ମୁଖରେ ଶୋଇ ପଡିବାରୁ ହୋହଲ୍ଲା ହୋଇଥିଲା । କିଛି ସମୟ ଧରି ପ୍ରଶାସନ ଓ ବ୍ୟବସାୟୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ପରେ ପ୍ରଶାସନ ପୋଲିସ ଫୋର୍ସ ହଟହଟା ହୋଇ ଫେରିଯାଇଥିଲା । କୋଣାର୍କ ସୂର୍ଯ୍ୟମନ୍ଦିରର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଯୋଜନାରେ ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ଅଇଥାନ ପାଇଁ ସୂର୍ଯ୍ୟ ମନ୍ଦିର ସମ୍ମୁଖସ୍ଥ ଏକ ନିର୍ଦ୍ଧିଷ୍ଟ ସ୍ଥାନରେ ହସ୍ତଶିଳ୍ପ ବଜାର କରାଯାଇ ବ୍ୟବସାୟୀଙ୍କୁ ପାଇଁ ପ୍ଲଟ ବଣ୍ଟନ କରାଯାଇଥିଲା । ଏହି ପ୍ଲଟ ଆବଣ୍ଟନରେ ପ୍ରକ୍ରିୟାରେ ପାତରଅନ୍ତର ହୋଇଥିବା ଏବଂ ଅଣବ୍ୟବସାୟୀ ଓ ସମ୍ପର୍କୀୟଙ୍କ ନାମରେ ଏକାଧିକ ପ୍ଲଟ ରହିଥିବା ଅଭିଯୋଗ ହୋଇଥିଲା । ହସ୍ତଶିଳ୍ପ ବ୍ୟବସାୟୀ ତାଲିକାରେ ଚଞ୍ଚକତା କରାଯାଇ ୧୬୪ଜଣଙ୍କ ବଦଳରେ ୨୨୩ ଜଣଙ୍କ ନାମ ରହିଥିବାରୁ ବିବାଦ ଦେଖାଦେଇଥିଲା । ପ୍ଲଟ ଆବଣ୍ଟନରେ ଅନିୟମିତତାର ପୁନଃ ସମୀକ୍ଷା ଓ ଲଟେରୀ ମାଧ୍ୟମରେ ୧୬୪ ବ୍ୟବସାୟୀଙ୍କୁ ତାଲିକାରେ ସାମିଲ ସହ ଅଣବ୍ୟବସାୟୀଙ୍କୁ ବାଦ ଦେବାକୁ ଆନ୍ଦୋଳନକାରୀ ବ୍ୟବସାୟୀ ସଂଘ ପକ୍ଷରୁ ଭରତ ଚନ୍ଦ୍ର ନାୟକ, ସୁକାନ୍ତ ମହାନ୍ତି, ରଞ୍ଜିତ କୁମାର ରାଉତରାୟ, ବିଜୟ ନନ୍ଦି, ଭାସ୍କର ବେହେରା ପ୍ରମୁଖ ଦାବି କରିଛନ୍ତି । ଏ ସମ୍ପର୍କରେ ଗୁରୁବାର ଜିଲ୍ଲାପାଳଙ୍କ ନିକଟରେ ଆଲୋଚନା ହେବ ବୋଲି କୋଣାର୍କ ଥାନାଧିକାରୀ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି । ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ ନକଲେ ଆଗାମୀ ଦିନରେ ଏକ ବଡଧରଣର ଆନ୍ଦୋଳନ ପାଇଁ ଦାନା ବାନ୍ଧିବ ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି ।

# ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘ ପକ୍ଷରୁ ଆଭାସି ହିନ୍ଦୀ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ହିନ୍ଦୀ ଶିକ୍ଷକ ସଙ୍ଘ ପକ୍ଷରୁ ଆଭାସି ହିନ୍ଦୀ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସଭାପତି ହେମନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଭାସି ହିନ୍ଦୀ ପଖୱାଡା କାର୍ଯ୍ୟକ୍ରମରେ ମିଳିତ ଶିକ୍ଷକ ଓ କର୍ମଚାରୀ ସଙ୍ଘ ସଭାପତି ତଥା ଭାରତୀୟ ଶିକ୍ଷା ସମାଜ ଅଧକ୍ଷ ଡଃ. ଯୁଧିଷ୍ଠିର ଖଟୁଆ ଉଦ୍‌ଘାଟକ, ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥାନର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଡଃ. ଅଜିତ ମହାପାତ୍ର ମୁଖ୍ୟ ଅତିଥି, ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଆରାଧନା ଦାଶ ମୁଖ୍ୟବକ୍ତା ଏବଂ ବିଶିଷ୍ଟ ଶିକ୍ଷାବିତ କସ୍ତୁରୀ ଚରଣ ସ୍ୱାଇଁ, ରାଜ୍ୟ ହିନ୍ଦୀ ଶିକ୍ଷକ ସଙ୍ଘ ଉପଦେଷ୍ଟା ମହେନ୍ଦ୍ର କୁମାର ମଲ୍ଲିକ, ଯୁବ ସମାଜସେବୀ ରାଜେଶ ପଣ୍ଡା, ପରିବେଶବିତ କାଶୀନାଥ ରାଉତରାୟ, ସମାଜସେବୀ ନଳିନୀକାନ୍ତ ପୃଷ୍ଟି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରଭାଷାର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଓଡିଶା ବିଧାନସଭା ସଚିବ ଦାଶରଥୀ ଶତପଥୀ ଶୁଭେଚ୍ଛା ବାର୍ତ୍ତା ମାଧମରେ ରାଷ୍ଟ୍ରଭାଷାର ମର୍ଯ୍ୟାଦା ପାଇଁ ସଙ୍କଳ୍ପିତ ହେବାକୁ ଆହ୍ୱାନ ଦେଇଥିଲେ । ସମ୍ପାଦକ ଅଶୋକ କୁମାର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିର୍ଝରିଣୀ ପଣ୍ଡା ରାଷ୍ଟ୍ରବନ୍ଦନା ଗାନ, ଶିକ୍ଷକ ମହେଶ୍ୱର ସାହୁ, ନିର୍ମଳ କୁମାର ସ୍ୱାଇଁ, ବଙ୍କୀମ ବିହାରି ମହାନ୍ତି, ଅନ୍ନପୂର୍ଣ୍ଣା ଚୁଳି, ଅନୀତା ନାୟକ, ସବନମ, ଛାତ୍ରୀ ଅଙ୍କିତା ରାଉତ, ସ୍ମିରଣ ସାହୁ ପ୍ରମୁଖ ରାଷ୍ଟ୍ରଭାଷା ହିନ୍ଦୀର ଜୟଗାନ କରିଥିଲେ । ପ୍ରାରମ୍ଭରେ ୟୁଟିଆଇ ପ୍ରତିଷ୍ଠାତା ସ୍ୱର୍ଗତ ବିକ୍ରମ ବର୍ମା ଏବଂ କେନ୍ଦ୍ରାପଡା ଜିଲ୍ଲା ହିନ୍ଦୀ ସଙ୍ଘର ପ୍ରାକ୍ତନ ସଭାପତି ସ୍ୱର୍ଗତ ରାଜକିଶୋର ଜେନାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଶେଷରେ ସେକ ସନଓ୍ୱର ଧନ୍ୟବାଦ ଅର୍ପଣ କରିଥିଲେ ।

# ମେଗା ପାନୀୟ ଜଳ ପ୍ରକଳ୍ପକୁ ପଞ୍ଚାୟତବାସୀଙ୍କ ବିରୋଧ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ମଧୁଶାସନ ଗ୍ରାମପଞ୍ଚାୟତରେ ଗୋଚର ଏବଂ ଜଙ୍ଗଲ କିଷମ ଜମିରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣକୁ ବିରୋଧ କରି ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ହଠାତ କେତେକ ଉଚ୍ଚ ସରକାରୀ ପଦାଧିକାରୀ ମଧୁଶାସନ ଗ୍ରାମରେ ପହଞ୍ଚି ସେଠାରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିବା ନିମନ୍ତେ ଏକ ଗୋଚର ଏବଂ ଜଙ୍ଗଲ କିଷମ ଜମିକୁ ସ୍ଥିର କରିଛନ୍ତି । ପୂର୍ବରୁ ମଧୁଶାସନ ରାଜସ୍ୱ ଗ୍ରାମର ଖାତା ନମ୍ବର -୧୪୧୫ ଓ ପ୍ଲଟ ନମ୍ବର -୪୪୦୪ ଉପରେ ପଞ୍ଚାୟତ ଏବଂ ବ୍ଲକ ପ୍ରଶାସନ ଖେଳପଡିଆ ନିର୍ମାଣ କରିଥିବା ବେଳେ ସେହି ଘଟଣାକୁ ନେଇ ଓଡିଶା ଲୋକାୟୁକ୍ତଙ୍କ କୋର୍ଟରେ ମାମଲା ବିଚାରାଧୀନ ରହିଛି । ଏବେ ସେହି ଜମି ଉପରେ ମେଗା ପାନୀୟ ଜଳ ପ୍ରକଳ୍ପ କରାଯିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରକଳ୍ପ ପାଇଁ ସ୍ଥାନ ନିରୂପଣ ପୂର୍ବରୁ ସେ ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କ ମତାମତ ନିଆଯାଇନଥିବା ଅଭିଯୋଗ ହୋଇଛି । ସେହି ଗୋଚର ଜମି ଉପରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଗଲେ ଗ୍ରାମବାସୀମାନଙ୍କ ଗୋରୁଗାଇମାନଙ୍କ ପାଇଁ ଚାରଣ ଭୂମିର ଅଭାବ ଦେଖାଦେବା ସହ ଯୁବକମାନେ ଖେଳପଡିଆର ବ୍ୟବହାରରୁ ବଞ୍ଚିତ ହେବେ । ଏହାସହ ସେହି ଅଞ୍ଚଳର ପରିବେଶ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏଣୁ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ସଂପୃକ୍ତ ପ୍ରକଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ସେକ ନୌସାଦ ମହମ୍ମଦ, ତସନିମ ଜାନା, ପିଂଟୁ ସାମଲ, ରୁନୁ ସାମଲ, ଅମିତ ଦାସ, କବି ଜେନା, ରବି ସାମଲ, ପଙ୍କଜ ସାମଲ, ହୃଦାନନ୍ଦ ସାମଲ, ପ୍ରତିମା ଜେନା, ପୁଷ୍ପା ସାମଲ, ବିଜୟ ଜେନା ପ୍ରମୁଖ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଏଥିସହିତ ଏହି ଅଭିଯୋଗର ନକଲ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଶାସନ ସଚିବଙ୍କୁ ପ୍ରଦାନ କରାଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

## ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ସେପ୍ଟେମ୍ବର ୨୩**

### ଓବିସି ସଂରକ୍ଷଣ-ବିରଳ ଏକତା

# ରାଜନୈତିକ ଦଳମାନଙ୍କ ପାଇଁ ସଂରକ୍ଷଣ ଏବେ କାମଧେନୁ



ବହୁଚର୍ଚ୍ଚିତ ପେଗାସସ୍ ଗୋଇନ୍ଦାଗିରି, ଚାଷୀ ଆନ୍ଦୋଳନ ଏବଂ ଦରଦାମ ବୃଦ୍ଧି ପ୍ରସଙ୍ଗକୁ କେନ୍ଦ୍ର କରି ଅଚଳ ହୋଇପଡିଥିବା ପାର୍ଲିଆମେଂଟର ମୌସୁମୀ ଅଧିବେଶନରେ ୧୨୭ତମ ସମ୍ବିଧାନ ସଂଶୋଧନ ବିଲ୍ ତଥା ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ସଂରକ୍ଷଣ ବିଧାୟକଙ୍କୁ ଅନୁମୋଦିତ କରିବା ପାଇଁ ଉଭୟ ଲୋକସଭା ଓ ରାଜ୍ୟସଭାରେ ଶାସକ ଓ ବିରୋଧି ଦଳ ମଧ୍ୟରେ ଯେପରି ସହମତି, ଐକ୍ୟବଦ୍ଧ ପ୍ରକାଶ ପାଇଛି, ତାହା ସାଂପ୍ରତିକ ସମୟରେ ଏକ ବିରଳ ଘଟଣା। ଭାରତୀୟ ରାଜନୀତିରେ 'ସଂରକ୍ଷଣ'କୁ ସମସ୍ତ ରାଜନୈତିକ ପବିତ୍ର ଗୋମାତା କାମଧେନୁ ଭାବେ ଗ୍ରହଣ କରିଥିବା ଶାସକ ଓ ବିରୋଧିଦଳ ମଧରେ ବିରଳ ସହମତି ପ୍ରମାଣିତ କରୁଛି ବୋଲି କହିଲେ ହୁଏତ ଅତିରଂଜିତ ହେବନାହିଁ। ପେଗାସସ୍, ଚାଷୀ ଆନ୍ଦୋଳନ, ଦରଦାମ ବୃଦ୍ଧିକୁ ନେଇ ବିରୋଧିଦଳର କ୍ରମାଗତ ହଟ୍ଟଗୋଳ ଯୋଗୁଁ ସମୁଦାୟ ମୌସୁମୀ ଅଧିବେଶନ ଅଚଳ ହୋଇପଡିଥିବା ବେଳେ ଓବିସି ସଂରକ୍ଷଣ ବିଲକୁ କୌଣସି ଜଣେହେଲେ ସଦସ୍ୟ ବିରୋଧ ନକରିବା ପଛୁଆ ବର୍ଗ ଶକ୍ତି ସଂକେତ ପ୍ରଦାନ କରୁଛି। କହିବା ବାହୁଲ୍ୟ ଯେ, ଭାରତରେ ୬୦ ପ୍ରତିଶତରୁ ଅଧିକ ହେଉଛନ୍ତି ଅନ୍ୟାନ୍ୟ ପଛୁଆବର୍ଗ। ବିଭିନ୍ନ ବର୍ଗ ତଥା ଜାତି ନେଇ ଓବିସି କଳନା କରାଯାଇଛି। ଓବିସି ବର୍ଗର ସମର୍ଥନ ପାଇଁ ଦେଶର ସମସ୍ତ ରାଜନୈତିକ ଦଳ ବ୍ୟାକୁଳ ହେବା ସ୍ୱାଭାବିକ। ଏହି ନ୍ୟାୟରେ ଦେଶର କୌଣସି ରାଜନୈତିକ ଦଳ ଓବିସି ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଲକୁ ବିରୋଧ କରିନାହାଁନ୍ତି କିମ୍ବା ସାହସ ଜୁଟାଇ ପାରିନାହାଁନ୍ତି। ଲୋକସଭାରେ ବିଲ୍ ଉପରେ ଦୀର୍ଘ ପାଂଚ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ଆଲୋଚନା ଚାଲିଥିବା ବେଳେ ସମସ୍ତ ଦଳ ବିଲ୍ ପ୍ରତି ସମର୍ଥନ ଜଣାଇଥିଲେ। କେବଳ ଏତିକି ନୁହେଁ ଆଲୋଚନା ପରେ ବିଲ୍ ସପକ୍ଷରେ ଗୃହରେ ଉପସ୍ଥିତ ଥିବା ସମସ୍ତ ୩୮୫ ସଦସ୍ୟ ଭୋଟ ଦେଇଥିବାବେଳେ ବିଲ୍ ବିରୁଦ୍ଧରେ ଗୋଟିଏ ହେଲେ ଭୋଟ ପଡିନଥିଲା। ସେହିପରି ମୌସୁମୀ ଅଧିବେଶନର ଅନ୍ତିମ ଦିବସରେ ରାଜ୍ୟସଭାରେ ମଧ ବିଲଟି ସର୍ବସମତି କ୍ରମେ ଅନୁମୋଦିତ ହୋଇଛି। ସମ୍ବିଧାନର ନିର୍ଦ୍ଦେଶ ଅନୁଯାୟୀ ସମ୍ବିଧାନ ସଂଶୋଧନ ବିଲ୍ ପାର୍ଲିଆମେଂଟର ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନରେ ଅନୁମୋଦିତ ହେବା ବ୍ୟବସ୍ଥା ଥିବାବେଳେ ସର୍ବସମ୍ମତି କ୍ରମେ ବିଲ୍ ଗୃହିତ ହେବା ନିଶ୍ଚିତ ଭାବେ ଏକ ବିରଳ ଘଟଣା। ୧୨୭ତମ ସମ୍ବିଧାନ ସଂଶୋଧନ ତଥା ଓବିସି ସଂରକ୍ଷଣ ବିଲରେ ଥିବା ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରମାନଙ୍କୁ ଅନ୍ୟନ୍ୟ ପଛୁଆ ବର୍ଗ(ଓବିସି)ର ତାଲିକା ପ୍ରସ୍ତୁତ କରିବା ଏବଂ ଓବିସି ଚୟନ କରିବା କ୍ଷମତା ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୮ ମସିହା ପୂର୍ବରୁ ରାଜ୍ୟମାନଙ୍କ ହାତରେ ଏହି କ୍ଷମତା ଥିଲା। ମାତ୍ର ୧୦୨ତମ ସମ୍ବିଧାନ ସଂଶୋଧନ ସମୟରେ ଏହି କ୍ଷମତାକୁ ରାଜ୍ୟମାନଙ୍କ ହାତରୁ କାଢି ନିଆଯାଇଥିଲା ଏବଂ କେନ୍ଦ୍ର ସରକାର କ୍ଷମତା ନିଜ ହାତକୁ ନେଇଥିଲେ। ନିକଟରେ ସର୍ବୋଚ୍ଚ ଅଦାଲତ ମରାଠି ସଂପ୍ରଦାୟକୁ ଓବିସି ତାଲିକାଭୁକ୍ତ କରି ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ମହାରାଷ୍ଟ୍ର ସରକାର ୧୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ଚ୍ୟାଲେଞ୍ଜି କରି ଦାୟର ଏକ ପିଟିସନର ଶୁଣାଣୀ କରିବା ଅବସରରେ ଓବିସି ତାଲିକା ପ୍ରସ୍ତୁତ କରିବା ବା ଚୟନ କରିବା କ୍ଷମତା ରାଜ୍ୟ ସରକାରଙ୍କର ନାହିଁ ବୋଲି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଅନ୍ୟପକ୍ଷରେ ବିଭିନ୍ନ ରାଜ୍ୟ ତଥା ମହାରାଷ୍ଟ୍ରର ମରାଠି, ଗୁଜୁରାଟର ପଟିଦାର, ରାଜସ୍ଥାନର ଜାଥେଦାର, ହରିଆନାର ଜାଠ, କର୍ଣ୍ଣାଟକର ଲିଙ୍ଗାୟତ ଆଦି ସଂପ୍ରଦାୟ ରାଜ୍ୟ ରାଜନୀତିରେ ଅତ୍ୟନ୍ତ ପ୍ରଭାବଶାଳୀ ଥିବା ବେଳେ ସଂରକ୍ଷଣ ପାଇଁ ଦାବି କରିଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୧୨୭ତମ ସମ୍ବିଧାନ ସଂଶୋଧନ ଦ୍ୱାରା ରାଜ୍ୟମାନଙ୍କୁ ପୂର୍ବ କ୍ଷମତା ଫେରାଇ ଦେବାକୁ ଯାଉଛନ୍ତି। ଆହୁରି ମଧ ଆଲୋଚନା ଅବସରରେ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଥିବା ସର୍ବୋଚ୍ଚ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକା କରିବା ପାଇଁ ଦମଳତ ନିର୍ବିଶେଷରେ ଦୃଢ ଦାବି କରିଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ରାଜନୈତିକ ଦଳଗୁଡିକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଛନ୍ତି। ଏହା ସତ୍ୟ ଯେ, ଆମ ଦେଶରେ ନିର୍ବାଚନ ବୈତରଣୀ ପାର ହେବା ଲାଗି ନିଜସ୍ୱ ଭୋଟ ବ୍ୟାଙ୍କ ଗଠନ ଲାଗି ସଂରକ୍ଷଣ ରାଜନୀତି ଏବେ ରାଜନୈତିକ ଦଳମାନଙ୍କର ମୁଖ୍ୟ ଆୟୁଧ ହୋଇଛି ବୋଲି କହିଲେ ଭୁଲ୍ ହୋଇନପାରେ। ଓବିସିଙ୍କ ପାଇଁ ଦେଶରେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଥିବା ବେଳେ ସୁପ୍ରିମିକୋର୍ଟ ସଂରକ୍ଷଣ ସୀମାରେଖା ବହୁ ରାଜ୍ୟରେ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଆମ ରାଜ୍ୟରେ ୨୭% ସଂରକ୍ଷଣକୁ ହାଇକୋର୍ଟ ରଦ୍ଦ କରିଦେବା ପରେ ରାଜ୍ୟରେ ଏବେ ଓବିସିଙ୍କ ପାଇଁ ମାତ୍ର ୧୨% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଉଲ୍ଲେଖ କରାଯାଇପାରେ ଯେ, ଅତୀତରେ ମଣ୍ଡଳ କମିଶନ ଯୋଗୁଁ ଦେଶରେ ସୃଷ୍ଟି ହୋଇଥିବା ରାଜନୈତିକ ଝଡ ବୋଧହୁଏ କାହାରିକୁ ମଣ୍ଡଳ କମିଶନଙ୍କ ସୁପାରିଶକୁ ଗ୍ରହଣ କରି ଓବିସିଙ୍କ ପାଇଁ ନିଯୁକ୍ତି ଓ ଶିକ୍ଷାକ୍ଷେତ୍ରରେ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ କରି ଭିପି ସିଂହଙ୍କ ସରକାରର ପତନ ଘଟିଥିବା ବେଳେ ଏବେ ଓବିସି ସଂରକ୍ଷଣ ସମସ୍ତ ରାଜନୈତିକ ଦଳ ପାଇଁ ପୂଜ୍ୟ କାମଧେନୁରେ ପରିଣତ ହୋଇଛି। କିନ୍ତୁ ଏହା ନିଶ୍ଚିତ ଯେ, ଓବିସି ସଂରକ୍ଷଣର ସାମ୍ବିଧାନିକ ସଂଶୋଧନର ଆବଶ୍ୟକତା ଥିଲା।

**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

## ଆଜିର ଅନୁଚିନ୍ତା

*ବୟସରେ କେବଳ ବଡ଼ ହୋଇଥିଲେ ସୁଦ୍ଧା କେହି ଗୁଣବାନ ହୋଇପାରେ ନାହିଁ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଇତିହାସରେ ଆମ ଶାସନ ଓ ସ୍ୱାଧୀନତା

**ଅକ୍ଷୟ କୁମାର ରାଉତ**



ଆମ ଦେଶ ଭାରତ , ତାର ସଭ୍ୟତା ଅତି ପ୍ରାଚୀନ। ଯାହାର ଉତର ରେ ହିମାଳୟ . ଦକ୍ଷିଣ ରେ ଭାରତ ମହାସାଗର, ପୂର୍ବ ଦିଗରେ ବଙ୍ଗୋପସାଗର (କଳିଙ୍ଗସାଗର) ପଶ୍ଚିମରେ ଆରବ ସାଗର, ହଜାର ହଜାର ବର୍ଷ ତଳେ ଏକ ସଭ୍ୟତା ମୁଣ୍ଡ ଟେକିଥିଲା। ଭାରତ ର ସିନ୍ଧୁନଦୀ କୂଳରେ ହଜାର ହଜାର ବର୍ଷ ତଳେ ଦ୍ରାବିଡ଼ ସଭ୍ୟତା ନାମରେ ଏକ ସଭ୍ୟତା ଗଢ଼ି ଉଠିଥିଲା। ଭାରତ ବର୍ଷର ବୈଭବ, ସଭ୍ୟତା ଓ ସଂସ୍କୃତିରେ ଆକୃଷ୍ଟ ହୋଇ ବହୁ ବର୍ଷ ତଳେ ମଧ୍ୟ ଏସିଆରୁ ଦଳ ଦଳ ଆର୍ଯ୍ୟ ଭାରତ ଭିତରକୁ ପଶି ଆସିଲେ। ଉଭୟ ଙ୍କ ମଧ୍ୟରେ ଯୁଦ୍ଧ ହେଲା ପରେ ମିଳିମିଶି ଚଳିଲେ, ଫଳରେ ଏକ ନୂତନ ସଭ୍ୟତା ଗଢ଼ି ଉଠିଲା।

ଭାରତକୁ ଆକ୍ରମଣ କଲେ ପାରସ୍ୟର ରାଜା ସାଇରସ୍ ଓ ତାଙ୍କର ପୁଅ ଡ଼େରାୟସ। ସେମାନେ ଭାରତର ଶାସନ ବେଶି ଦିନ ରଖି ପାରିଲେ ନାହିଁ। କେତେକ ପାରସ୍ୟିକ ଭାରତରେ ରହିଗଲେ। ଏହା ପରେ ଗ୍ରୀକ୍ ବୀର ଆଲେକଜାଣ୍ଡାର ଭାରତ ଆକ୍ରମଣ କଲେ। ଭାରତ କୁ ବେଶିଦିନ ହାତରେ ରଖି ପାରି ନ ଥିଲେ। କିଛି ଗ୍ରୀକ୍ ଭାରତୀୟ ଙ୍କ ସହିତ ରହି ମିଳିମିଶି ଚଳିଲେ। ତାପରେ ଆମ ଦେଶ କିଛି ଭାରତୀୟ ଓ ବିଦେଶୀ ମାନଙ୍କ ଦ୍ୱାରା ଶାସନ ହେଲା ଯଥା- ଶକ, ପଲ୍ଲବ, ଇଉଚି, ହୁଣ, କୃଶାଣ, ଗୁର୍ଜ୍ଜର ଓ ତାତାରମାନଙ୍କ ଦ୍ୱାରା, ପରେ ଆରବୀୟମାନେ ଆସିଲେ। ତୁର୍କୀ ଓ ଘୋର ବଂଶଜ ମୁସଲମାନମାନେ ଆସି ଭାରତକୁ ଦଖଲ କରି ଶାସନ କଲେ ଓ ରହିଗଲେ। ତାପରେ କାବୁଲରୁ ମୋଗଲମାନେ ଆସି ଭାରତକୁ ଅଧିକାର କରି ଶାସନ ଚଳାଇଲେ। ସେମାନେ ଭାରତକୁ ଭଲପାଇ ଭାରତରେ ରହିଗଲେ।

ଏହାପରେ ଭାରତକୁ ଇଉରୋପରୁ ଆସିଲେ ପର୍ତୁଗୀଜ, ଓଲନ୍ଦାଜ, ଦିନାମାର, ଫରାସି ଓ ଇଂରେଜମାନେ, ସେମାନେ ବାଣିଜ୍ୟ କରିବାକୁ ଆସି ନିଜ ନିଜ ଭିତରେ ପ୍ରତିଯୋଗିତା ଆରମ୍ଭ କରି ଦେଲେ। ପର୍ତୁଗୀଜ ମାନଙ୍କ ହାତରେ ରହିଗଲା ଗୋଆ, ଡାମନ ଓ ଡ଼ିଉ। ଫରାସୀ ମାନଙ୍କ ହାତରେ ରହିଗଲା ପଣ୍ଡିଚେରୀ, ମାହେ ଓ ଚନ୍ଦନ ନଗର, ଇଂରେଜମାନଙ୍କ ହାତରେ ରହିଲା ମାନ୍ଦ୍ରାଜ, ବମ୍ବେ ଓ କଲିକଟ୍।

ଇଂରେଜମାନେ ଇଷ୍ଟଇଣ୍ଡିଆ କମ୍ପାନୀ ଗଠନ କରି ବାଣିଜ୍ୟ କରୁକରୁ ରାଜନୀତରେ ପଶିଲେ। ସେତେବେଳେ ଭାରତରେ ବହୁତ ରାଜା ଓ ନବାବ୍ ଥିଲେ। ସେମାନଙ୍କ ମଧ୍ୟରେ ଏକତା ନ ଥିଲା। ଏହି ସୁଯୋଗରେ ଇଂରେଜ ମାନେ ବଙ୍ଗଳାର କାଳିଘାଟ, ସୁତାନଟୀ ଓ ଗୋବିନ୍ଦପୁର ଠାରେ ବାଣିଜ୍ୟ କୋଠି ତିଆରି କଲେ। ସେହି ଗାଆଁ ତିନୋଟିକୁ କଲିକତା ନାମ ଦେଇ ସେଠାରେ ଏକ ଦୁର୍ଗ ତିଆରି କରି ନାମ ଦେଲେ ଫୋର୍ଟ ଇଉଲିୟମ୍।

ବଙ୍ଗର ନବାବ ସିରାଜଦୌଲା ଇଂରେଜ ମାନଙ୍କୁ ତଡ଼ିବାକୁ ଲାଗିଲେ ଫଳରେ ଉଭୟଙ୍କ ମଧ୍ୟରେ ପଲାସୀ ଠାରେ ଯୁଦ୍ଧ ହେଲା। ସେନାପତି ମିରଜାଫରଙ୍କ ବିଶ୍ୱାସଘାତକତା ଯୋଗୁ ବଙ୍ଗର ନବାବ ପରାସ୍ତ ହେଲେ ଓ ମିରଜାଫରଙ୍କ ପୁଅ ଦ୍ୱାରା ନିହତ ହେଲେ। ଇଂରେଜ ମାନଙ୍କ ସହାୟତାରେ ମିରଜାଫର ବଙ୍ଗର ନବାବ ହେଲେ, ପରେ ଅଧିକ ଧନ ଲୋଭରେ ଇଂରେଜମାନେ ମିରଜାଫରଙ୍କୁ ଗାଦିରୁ ହଟାଇ ମିରକାଶିମ୍‌କୁ ବଙ୍ଗଳାର ନବାବ କଲେ। ମିରକାଶିମ୍ ଇଂରେଜ ମାନଙ୍କୁ ମାନିଲେ ନାହିଁ। ଭାରତୀୟ ବଣିକ ମାନଙ୍କୁ ଇଂରେଜ ମାନଙ୍କ ସହିତ ଅଧିକାର ଦେଲେ। ତେଣୁ ଇଂରେଜ ମାନେ ମିରକାଶିମ୍‌ଙ୍କୁ ଆକ୍ରମଣ କଲେ। ମିରକାଶିମ୍ ପଳେଇ ଯାଇଁ ଅଯୋଧ୍ୟାର ନବାବ ସୁଜାଉଦ୍ଦୌଲା ଓ ଦିଲ୍ଲୀ ସମ୍ରାଟ ଶାହା ଆଲମଙ୍କ ସାହାଯ୍ୟ ଲୋଡ଼ିଲେ ତିନି ଶକ୍ତି ମାନଙ୍କ ବକ୍‌ସାର ଠାରେ ଇଂରେଜ ମାନଙ୍କ ଦ୍ୱାରା ପରାସ୍ତ ହେଲେ ଓ ମିରକାଶିମ୍ ନିହତ ହେଲେ ବଙ୍ଗଳା ଇଂରେଜ ମାନଙ୍କ ହାତକୁ ଗଲା। ସୁଜାଉଦ୍ଦୌଲା ଓ ଶାହା ଆଲମ ଇଂରେଜ ମାନଙ୍କ ଶରଣ ପଶିଲେ। ତେଣୁ ଅଯୋଧ୍ୟା ଓ ଦିଲ୍ଲୀରେ ଇଂରେଜ ମାନଙ୍କ କ୍ଷମତା ବୃଦ୍ଧି ପାଇଲା। ମହୀଶୂର ର ନବାବ୍ ହାଇଦର ଅଲ୍ଲି ଓ ତାଙ୍କ ପୁଅ ଟିପୁ ସୁଲତାନ ଇଂରେଜ ମାନଙ୍କ ସହିତ ଯୁଦ୍ଧ ଚଳାଇଲେ। ଶେଷରେ ଟିପୁ ନିହତ ହେଲେ। ମହୀଶୂର ଇଂରେଜ ମାନଙ୍କ ହାତକୁ ଗଲା।

ଇଂରେଜ ମାନେ ଗୋଟି ଚାଳନା କରି ଭାରତ ବର୍ଷର ଗୋଟିଏ ପରେ ଗୋଟିଏ ରାଜ୍ୟ ଅଧିକାର କରି ନେଲେ। ୧୮୦୩ ମସିହାରେ ଇଂରେଜ ମାନେ ଓଡ଼ିଶା ଅଧିକାର କରି ନେଲେ। ୧୮୧୭ ମସିହାରେ ଆରମ୍ଭ ହେଲା ପାଇକ୍ ବିଦ୍ରୋହ। ପାଇକ ମାନଙ୍କ ର ସେନାପତି ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଓ ଜୟକୃଷ୍ଣ ରାଜଗୁରୁ। ଏମାନେ ଇଂରେଜ ଶାସନ କୁ ଦୂର କରି ଦେଇଥିଲେ। ପରେ ଇଂରେଜ ମାନେ ପାଇକ ବିଦୋହକୁ ଦମନ କରି ଦେଲେ। ଇଂରେଜ ବଡ଼ଲାଟ ଲର୍ଡ଼ ଡ଼େଲହାଉସି ଏକ ନୂଆ ଆଇନ୍ ଘୋଷଣା କଲେ ଫଳରେ କୌଣସି ଭାରତୀୟ ରାଜା ପୋଷ୍ୟପୁତ୍ର ଗ୍ରହଣ କରି ପାରିବେ ନାହିଁ। ତେଣୁ ରାଣୀ ଲକ୍ଷ୍ମୀବାଇ ଅଯୋଧ୍ୟାର ନବାବ୍ ଓ ପୁନାର ପେଶବା ନାନା ସାହେବ ରାଜ୍ୟ ହରା ହେଲେ। ଇଂରେଜ ମାନଙ୍କ ବିରୁଦ୍ଧରେ ଭାରତର ବହୁ ରାଜା ମିଳିତ ହୋଇ ସଂଗ୍ରାମ ଆରମ୍ଭ କରି ଦେଲେ। ଏମାନେ ହେଲେ ପୁନାର ପେଶବା ନାନା ସାହେବ, ରାଜା କନ୍‌ୱାର ସିଂହ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ, ରାଣୀ ଲକ୍ଷ୍ମିବାଇ, ମରହଟ୍ଟା ବୀର ରାଓ ସାହେବ, ତାନ୍ତିଆ ତୋପି ଓ ପୁରୀ ପଣ୍ଡା ଚନ୍ଦନ ହଜୁରୀ।

ଏହି ସମୟରେ ଏନ୍‌ଫିଲଡ଼ ବନ୍ଧୁକର ଟୋଟାକୁ ଦାନ୍ତରେ ଛିଣ୍ଡାଇ ମାରିବାକୁ ପଡୁଥିଲା। ଏହି ଟୋଟାରେ ଗୋରୁ ଓ ଘୁଷୁରୀ ଚର୍ବି ଲାଗିଥିଲା। ଫଳରେ ଧର୍ମ ଯିବା ଭୟରେ ହିନ୍ଦୁ ଓ ମୁସଲମାନ ସିପାହୀମାନେ ବିଦ୍ରୋହ କରି ଉଠିଲେ , ବାରାକପୁର ଠାରେ ସିପାହୀ ମଙ୍ଗଳ ପାଣ୍ଡେ ଗୋରା ଅଫିସରକୁ ଗୁଳି କରି ମାରି ଦେଲେ। ତେଣୁ ମଙ୍ଗଳ ପାଣ୍ଡେଙ୍କୁ ୧୮୫୭ ମସିହା ଅପ୍ରେଲ ମାସ ଆଠ ତାରିଖରେ ଇଂରେଜମାନେ ମୃତ୍ୟୁଦଣ୍ଡ ଦେଲେ।

ସେଥିପାଇଁ ସିପାହୀମାନେ ବିଦ୍ରୋହ କରିଦେଲେ। ୧୮୫୭ ମସିହା ମେ' ମାସ ଦଶ ତାରିଖରେ ଦିଲ୍ଲୀ ଅଧିକାର କରି ନେଲେ। ବାହାଦୁର ଶାହାଙ୍କୁ ଭାରତର ସ୍ୱାଧିନ ସମ୍ରାଟ ବୋଲି ଘୋଷଣା କଲେ। ଭାରତର ଚାରିଆଡ଼େ ବିଦ୍ରେହ ସୁତ୍ରପାତ ହେଲା। ଏହା ଥିଲା ଭାରତର ଏକ ବଡ଼ ବିଦ୍ରୋହ ଯାହାକୁ ଆମେ ସିପାହୀ ବିଦ୍ରୋହ ବୋଲି ନାମିତ କରୁ। ରାଣୀ ଲକ୍ଷ୍ମିବାଇ ଯୁଦ୍ଧ କରୁ କରୁ ସରାଇ ଠାରେ ଗୁଳିବିଦ୍ଧରେ ଢଳି ପଡ଼ିଲେ। ତାନ୍ତିଆଟୋପି ଇଂରେଜ ମାନଙ୍କ ସହ ଗରିଲା ଯୁଦ୍ଧ କରୁଥିଲେ। ମାନସିଂହ ନାମକ ଜଣେ ବ୍ୟକ୍ତି ବିଶ୍ୱାସଘାତକତା କରି ତାନ୍ତିଆଟୋପିଙ୍କୁ ଇଂରେଜମାନଙ୍କ ହାତରେ ଧରାଇ ଦେଲେ। ତେଣୁ ଗୋରାମାନେ ତାନ୍ତିଆଟୋପିଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଲେ।

ସିପାହୀ ବିଦ୍ରେହ ପରେ ଇଂରେଜ ସରକାର କମ୍ପାନୀ ହାତରୁ ଭାରତର ଶାସନ ଭାର ଗ୍ରହଣ କରି ଭାରତକୁ ଶାସନ କଲେ। ଅସ୍ତ୍ରଆଇନ୍ ଜାରି କରି ଭାରତୀୟ ମାନଙ୍କ ଠାରୁ ସବୁ ଅସ୍ତ୍ର ଶସ୍ତ୍ର ଇଂରେଜ ସରକାର ନେଇ ଗଲେ। ସେମାନେ ଭାରତକୁ ଅର୍ଥନୈତିକ କ୍ଷେତ୍ରରେ ଶୋଷଣ କରିବାକୁ ଲାଗିଲେ। ସେମାନଙ୍କ ଅତ୍ୟାଚାର ଦିନକୁ ଦିନ ବଢ଼ିଲା। ଆମ ସମାଜରେ ଥିବା କୁସଂସ୍କାରେ ଆମକୁ ଆହୁରୀ ତଳକୁ ନେଇଗଲା। ଏହି ସମୟରେ ଜନ୍ମ ହୋଇଥିବା ଜ୍ଞାନୀ ଓ ଗୁଣୀ ମାନେ କୁସଂସ୍କାର ବିରୁଦ୍ଧରେ ଆନ୍ଦୋଳନ କରିଲେ। ସେମାନେ ହେଲେ ରାଜା ରାମମୋହନ ରାୟ, ଇଶ୍ୱର ଚନ୍ଦ୍ର ବିଦ୍ୟାସାଗର, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ , ସାଧୁ ସୁନ୍ଦର ଦାସ ଯେଉଁ ମାନଙ୍କ ଉଦ୍ୟମ ଫଳରେ ଇଂରେଜ ସରକାର ନରବଳି, ସତୀଦାହ ପ୍ରଥା, ବାଲ୍ୟ ବିବାହ ଭଳି ଘୃଣ୍ୟପ୍ରଥା ଉଚ୍ଛେଦ କରି ଥିଲେ। ବିଧବା ବିବାହ ପ୍ରଚଳନ କରିଥିଲେ। ସର୍ବଶକ୍ତିମାନ ଇଂରେଜ ସରକାରଙ୍କ ଅତ୍ୟାଚାର ଓ ଶୋଷଣକୁ ବାଧା ଦେବା ପାଇଁ ଭାରତର କୌଣସି ରାଜନୈତିକ ଦଳ ବା ନେତା ମୁଣ୍ଡ ଟେକି ନ ଥିଲେ। ଭାରତୀୟ ମାନଙ୍କର ଦୁଃଖ, ଦୁର୍ଦ୍ଦଶା, ଆପତ୍ତି ଓ ଅଭିଯୋଗ ଇଂରେଜ ସରକାରଙ୍କୁ ଜଣାଇବା ପାଇଁ ଏ.ଓ. ହିଉମ୍‌ଙ୍କ ଉଦ୍ୟମରେ ୧୮୮୫ ମସିହାରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ। ବମ୍ବେ ଠାରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନରେ ସଭାପତି ହୋଇଥିଲେ ବାରିଷ୍ଟର ଉମେଶ ଚନ୍ଦ୍ର ବାନାର୍ଜୀ। କଂଗ୍ରେସର ଉଦ୍ୟମ ଫଳରେ ଇଂରେଜ ସରକାର ୧୮୯୨ ମସିହାରେ ଭାରତୀୟ ବ୍ୟବସ୍ଥା ସଭା ଆଇନ୍ ତିଆରି କଲେ। ଏହାଦ୍ୱାରା ଲୋକପ୍ରତିନିଧି ଶାସନର ମୂଳଦୁଆ ଭାରତରେ ପଡ଼ିଲା।

ବଙ୍ଗ, ବିହାର ଓ ଓଡ଼ିଶା ମିଶି ଗୋଟିଏ ପ୍ରଦେଶ ଥିଲା। ୧୯୦୫ ମସିହାରେ ଲର୍ଡ଼ କର୍ଜନ ପଶ୍ଚିମ ବଙ୍ଗ, ବିହାର, ଓଡ଼ିଶାକୁ ଗୋଟିଏ ପ୍ରଦେଶ ଓ ପୂର୍ବ ବଙ୍ଗ, ଆସାମ କୁ ମିଶାଇ ଗୋଟିଏ ପ୍ରଦେଶ କରି ଦେଲେ। ଏହା ଫଳରେ ବଙ୍ଗ ଦୁଇଭାଗରେ ବିଭକ୍ତ ହୋଇଗଲା। ବଙ୍ଗାଳୀ ମାନେ ଇଂରେଜ ସରକାର ବିପକ୍ଷରେ ବିଦ୍ରୋହ ଆରମ୍ଭ କରି ଦେଲେ। ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଙ୍କ ଆନନ୍ଦ ମଠ ଉପନ୍ୟାସ ରେ ଥିବା 'ବନ୍ଦେ ମାତରମ' ସଂଗୀତ ଟିକୁ ଜାତୀୟ ସଙ୍ଗିତ ରୂପେ ଗାନ କରିବାକୁ ଲାଗିଲେ। ଚାରିଆଡ଼େ 'ବନ୍ଦେ ମାତରମ' ନାରାବାଜି ଆରମ୍ଭ ହୋଇଗଲା। 'ବନ୍ଦେ ମାତରମ' ଆନ୍ଦୋଳନର ନେତା ଥିଲେ ସୁରେନ୍ଦ୍ର ନାଥ ବାନାର୍ଜୀ , ବିପିନ ଚନ୍ଦ୍ର ପାଲ ଓ ଅରବିନ୍ଦ ଘୋଷ। ବିଦେଶୀ ଜିନିଷ ବର୍ଜନ ଓ ସ୍ୱଦେଶୀ ଜିନିଷ ବ୍ୟବହାର 'ସ୍ୱଦେଶୀ ଆନ୍ଦୋଳନ ବା 'ବନ୍ଦେ ମାତରମ' ଆନ୍ଦୋଳନ ପ୍ରବଳ ଭାବରେ ଚାଲିଲା। ବହୁ ଉଗ୍ରପନ୍ଥୀ ନେତା ମୁଣ୍ଡଟେକି ଗୋରା ଅଫିସରମାନଙ୍କୁ ମାରି ପକାଇଲେ। ବାଳକ ଖୁଦିରାମ ବସୁ ଧରାପଡ଼ିବାରୁ ୧୯୦୮ ମସିହାରେ ବାଳକ ଖୁଦିରାମଙ୍କୁ ଇଂରେଜ ସରକାର ଫାଶୀ ଦେଲେ। ୧୯୦୬ ମସିହାରେ ଢ଼ାକା ନବାବ୍ ସଲିମ୍ ଖାଁ ଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ମୁସଲିମ୍ ଲିଗ୍' ର ପ୍ରଭାବ 'ବନ୍ଦେ ମାତରମ' ଉପରେ ପଡ଼ି ପାରି ନ ଥିଲା। ୧୯୦୯ ମସିହାରେ ଭାରତରେ ମର୍ଲେମିଣ୍ଟୋ ଶାସନ ସଂସ୍କାର ପ୍ରଚଳନ କରାଗଲା। ୧୯୧୨ ମସିହାରେ ବଙ୍ଗ ବିଭାଗ ଆଇନ୍ କୁ ରଦ୍ଦ କରାଗଲା। ବିହାର ଓ ଓଡ଼ିଶାକୁ ଗୋଟିଏ ପ୍ରଦେଶ। ଆସାମକୁ ଗୋଟିଏ ପ୍ରଦେଶ ଓ ବଙ୍ଗଳାକୁ ଗୋଟିଏ ପ୍ରଦେଶ କରାଗଲା। କଂଗ୍ରେସ ଭିତରେ ଚରମପନ୍ଥୀ ଓ ନରମପନ୍ଥୀ ଭାବରେ ଦୁଇଟି ଦଳ ମୁଣ୍ଡ ଟେକିଲା। ଚରମପନ୍ଥି ନେତା ଥିଲେ ବାଳ ଗଙ୍ଗାଧର ତିଲକ ଓ ଲାଲା ଲଜପତ ରାୟ। ନରମପନ୍ଥୀଙ୍କ ନେତା ଗୋପାଳ କୃଷ୍ଣ ଗୋଖିଲେ ଓ ଦାଦା ଭାଇ ନୌରୋଜୀ।

ଦକ୍ଷିଣ ଆଫ୍ରିକାରେ ମୋହନ ଦାସ କରମଚାନ୍ଦ ଗାନ୍ଧି ଅହିଂସା ଓ ସତ୍ୟାଗ୍ରହ ବଳରେ ଭାରତୀୟମାନଙ୍କୁ ଜିତାଇଥିଲେ। ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା। ୧୯୧୫ ମସିହାରେ ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଆସି ଭାରତରେ ପହଂଚିଲେ। ଏହି ସମୟରେ ଆୟରଲ୍ୟାଣ୍ଡ ରମଣି ଆନି ବେସାନ୍ତ 'ହୋମ୍ ରୁଲ' ଆନ୍ଦୋଳନ ଚଳାଇ ଇଂରେଜ ସରକାର ଦ୍ୱାରା ଗୃହବନ୍ଦିନୀ ହେଲେ। ବିଲାତରେ ଆନ୍ଦୋଳନ ହେବାରୁ ସରକାର ଆନି ବେସାନ୍ତଙ୍କୁ ମୁକ୍ତ କରି ଦେଲେ। ବିହାରର ଚମ୍ପାରଣ ଠାରେ ଇଂରେଜ ଓ ଜମିଦାର ମାନେ ନୀଳଚାଷୀ ମାନଙ୍କ ଉପରେ କରୁଥିବା ଅତ୍ୟାଚାର ବିରୋଧରେ ଗାନ୍ଧିଜୀ ଆନ୍ଦୋଳନ କରି ସେମାନଙ୍କୁ ଗୋରା ସରକାରଙ୍କ ଅତ୍ୟାଚାରରୁ ରକ୍ଷା କରିଥିଲେ।

ପ୍ରଥମ ବିଶ୍ୱଯୁଦ୍ଧରେ ବହୁ ଭାରତୀୟ ଜୀବନ ହରାଇଲେ। କୋଟି କୋଟି ଟଙ୍କା ଭାରତୀୟ ମାନେ ଇଂରେଜ ସରକାରଙ୍କୁ ସାହାର୍ଯ୍ୟ ଦେଇଥିଲେ। ହେଲେ 'ମଣ୍ଟେଗୁ ଚେମସ୍ ଫୋର୍ଡ଼ ଶାସନ ସଂସ୍କାର' ଆଇନ ପ୍ରଣୟନ କରି ଭାରତୀୟମାନଙ୍କ ଆଶାକୁ ଚୁରୁମାର କରି ଦେଲେ ଇଂରେଜ ସରକାର। ତାପରେ 'ରାଓଲାଟ ଆଇନ୍'କୁ ଭାରତରେ ବିରୋଧ କରାଗଲା। ପଂଜାବର ଜାଲିଆନାୱାଲା ବାଗ ଠାରେ ୧୯୧୯ ମସିହା ଅପ୍ରେଲ ମାସରେ ଏକ ସଭା କଲେ। ଏହି ବାଗରେ ଗୋଟିଏ ମାତ୍ର ଦ୍ୱାର ଥିଲା। ଗୋରା ସେନାପତି ଡ଼ାୟାର ସୈନ୍ୟ ନେଇ ଦ୍ୱାରଦେଶରେ କାହାକୁ ଛାଡ଼ିବାକୁ ନ ଦେଇ ଗୁଳି ଚଳାଇଲେ। ଫଳରେ ସ୍ତ୍ରୀ, ପୁରୁଷ ଓ ଶିଶୁ ମିଶି ଦୁଇ ହଜାରରୁ ଅଧିକ ଲୋକ ମରିଗଲେ। ସାରା ଭାରତରେ ଶୋକର ଛାୟା ଖେଳିଗଲା। ବିଶ୍ୱକବି ରବିନ୍ଦ୍ର ନାଥ ଠାକୁର ଇଂରେଜ ସରକାରଙ୍କୁ ତାଙ୍କର 'ନାଇଟ୍' ଉପାଧି ଫେରାଇ ଦେଲେ। ଭାରତୀୟ ଗାନ୍ଧିଜୀଙ୍କର ଅହିଂସା ନୀତି ଓ ସତ୍ୟାଗ୍ରହ ନିୟମରେ ଆନ୍ଦୋଳନ ଚାଲିଲା। ଉଗ୍ରପନ୍ଥୀ ମାନେ ପୋଡ଼ାଜଳା ଆରମ୍ଭ କରି ଦେଲେ। ଗୁଜୁରାଟର ଚୌରି ଚୌରା ଠାରେ ଘେରାଉ କରି ବାଇଶ ଜଣ ପୋଲିସ୍‌ଙ୍କୁ ପୋଡ଼ି ଦେଲେ। ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ବନ୍ଦ ହୋଇଗଲା। 'ସ୍ୱରାଜଦଳ'ର ନେତା ମୋତିଲାଲ ନେହେରୁ, ଦେଶବନ୍ଧୁ ଚିତରଂଜନ ଦାସ, ଜାତୀୟ କଂଗ୍ରେସର ଜହାରଲାଲ ନେହେରୁ, ସୁବାଷ ଚନ୍ଦ୍ର ବୋଷ, ବଲ୍ଲଭଭାଇ ପଟେଲ, ଗୋବିନ୍ଦ ବଲ୍ଲଭ ପନ୍ଥ, ରାଜେନ୍ଦ୍ର ପ୍ରସାଦ, ରାଜ ଗୋପାଳାଚାରୀ, ମୌଲାନା ଆବୁଲ୍‌କାଲମ, ଅବଦୁଲ ଗଫୁର ଖାଁ, ଲାଲା ଲାଜପତ ରାୟ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ମହାତ୍ମା ଗାନ୍ଧି ଓ ବହୁ ସ୍ୱାଧିନତା ସଂଗ୍ରାମୀମାନଙ୍କ ସହିତ ୩୦ ହଜାର ଆନ୍ଦୋଳନକାରୀ ଜେଲ ବରଣ କଲେ। ସଭରକର ଓ ଅରବିନ୍ଦ ହିଂସାନୀତିରେ ଆନ୍ଦୋଳନ କରୁଥିଲେ। ହିଂସା ନୀତିରେ ହିଂସାକାଣ୍ଡ ଘଟାଇ ଭଗତ ସିଂ ଓ ଉଦ୍ଧାମ ସିଂହ ଫାଶୀ ପାଇଗଲେ। ୧୯୨୮ ମସିହାରେ ବ୍ରିଟିଶ ସରକାର ଏକ ସମିତି ଗଠନ କରି ଭାରତକୁ ପଠାଇଲେ। ସାଇମନ୍ ସାହେବ ଏହାର ସଭାପତି ଥିଲେ। ସାତଜଣ ସଭ୍ୟ ମଧ୍ୟରେ କେହି ଭାରତୀୟ ନ ଥିଲେ। ତେଣୁ ଜାତୀୟ କଂଗ୍ରେସ ଏହାକୁ ବିରୋଧ କଲା। 'ସାଇମନ୍ ଫେରିଯାଅ'। କିନ୍ତୁ ସାଇମନ୍ ବ୍ରିଟିଶ ସରକାରଙ୍କୁ ରିପୋର୍ଟ ଦେଲେ। ତେଣୁ କଂଗ୍ରେସ ୧୯୨୯ ମସିହାରେ ଲାହୋର ଅଧିବେଶନରେ ଭାରତୀୟ ପୂର୍ଣ୍ଣ ସ୍ୱାଧିନତା ପାଇଁ ଘୋଷଣା କରି ମହାତ୍ମା ଗାନ୍ଧିଙ୍କୁ ସଂଗ୍ରାମ କରିବାର ଦାୟିତ୍ୱ ଦେଲେ। ଗାନ୍ଧିଜୀ ଅଣାଅଶୀ ଜଣ ସତ୍ୟାଗ୍ରହୀଙ୍କୁ ଧରି ଦାଣ୍ଡି ଯାତ୍ରା କଲେ। ସେଠାରେ ସେ ୧୯୩୦ ମସିହା ଅପ୍ରେଲ ନଅ ତାରିଖରେ ଲବଣ ଆଇନ୍ ଭଙ୍ଗ କଲେ। ସାରା ଭାରତରେ ଲବଣ ସତ୍ୟାଗ୍ରହ ଚାଲିଲା। ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଗାନ୍ଧି ଯୋଗ ଦେଲେ କିନ୍ତୁ କିଛି ଫଳ ହେଲା ନାହିଁ। ୧୯୩୫ ମସିହାରେ ଭାରତ ଶାସନ ଆଇନ୍‌ରେ ଭାରତୀୟମାନଙ୍କୁ ଅଧିକ ଶାସନ କ୍ଷମତା ଦିଆଗଲା। ଏହି ଆଇନ୍ ଅନୁସାରେ ୧୯୩୭ ମସିହାରେ ଭାରତରେ ନିର୍ବାଚନ ଆରମ୍ଭ ହେଲା। ଭାରତର ଏଗାରଟି ପ୍ରଦେଶରୁ କଂଗ୍ରେସ ସାତଟି ପ୍ରଦେଶରେ ସଂଖ୍ୟା ଗରିଷ୍ଠତା ହାସଲ କରି ମନ୍ତ୍ରୀ ମଣ୍ଡଳ ଗଠନ କଲା। ସୁବାଷ ବୋଷ କଂଗ୍ରେସ ଛାଡି 'ଫରୱାର୍ଡ଼ ବ୍ଲକ୍'' ନାମରେ ଏକ ଅଲଗା ଦଳ ଗଠନ କଲେ। ୧୯୩୯ ମସିହାରେ ଜାତୀୟ କଂଗ୍ରେସକୁ ନ ପଚାରି ବଡ଼ଲାଟ୍ ଭାରତକୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାମିଲ କରିଦେଲେ। କଂଗ୍ରେସ ନେତାମାନେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ଜେଲ୍ ଗଲେ। ୧୯୪୧ ମସିହାରେ ସୁବାଷ ବୋଷ ଭାରତରୁ ଜର୍ମାନୀକୁ ପଳାଇ ଯାଇ 'ଆଜାଦ୍ ହିନ୍ଦ ଫଉଜ' ଗଠନ କଲେ। ୧୯୪୨ ମସିହାରେ କଂଗ୍ରେସ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ କରି ଦେଲା। ସୁବାଷ ବୋଷ ଜାପାନ୍ ସାହାଯ୍ୟରେ ପୂର୍ବପଟୁ ଭାରତକୁ ଅଭିଯାନ ଆରମ୍ଭ କଲେ। 'ଆଜଦ୍ ହିନ୍ଦ ଫଉଜ' କୋହିମା ଅଧିକାର କରି ମଣିପୁର ଘେରାଉ କରିଦେଲେ, ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଇଂଲଣ୍ଡ ଜୟଲାଭ କଲେ ମଧ୍ୟ ବହୁତ ଦୁର୍ବଳ ହୋଇ ପଡ଼ିଥିଲା। ସେମାନଙ୍କ ପକ୍ଷେ ଭାରତକୁ ଶାସନ କରିବା ଆଉ ସମ୍ଭବ ହୋଇ ନ ଥିଲା। ତେଣୁ ଇଂରେଜ ସରକାର ଭାରତକୁ ସ୍ୱାଧୀନତା ଦେବା ପାଇଁ ରାଜି ହୋଇ କଂଗ୍ରେସ ନେତାମାନଙ୍କୁ ଜେଲରୁ ଖଲାସ କରି ଦେଲେ। ମୁସଲିମ୍ ଲିଗ୍ ନେତା ମହମ୍ମଦ ଅଲ୍ଲୀ ଜିନା ମୁସଲମାନଙ୍କ ପାଇଁ ପାକିସ୍ତାନ ଦାବି କଲେ। ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ମାରପିଟ ଆରମ୍ଭ ହେଲା। ବହୁ ହିନ୍ଦୁ ଓ ମୁସଲମାନ ବଳି ପଡ଼ିଗଲେ। ଏହି ସମୟରେ ଭାରତୀୟ ନୌବାହିନୀରେ ବିଦ୍ରୋହ ହେଲା। ବ୍ରିଟିଶ ସରକାର ଆଉ କାଳବିଳମ୍ବ ନ କରି ଲର୍ଡ଼ ମାଉଣ୍ଟବ୍ୟାଟେନ୍‌ଙ୍କୁ ଭାରତର ବଡ଼ ଲାଟ କରି ପଠାଇଲେ। ଭାରତ ଓ ପାକିସ୍ତାନ ଦୁଇ ଭାଗ କରି ଦୁଇଟି ଦେଶକୁ ସ୍ୱାଧିନତା ଦେଇଦେଲେ। ପରିଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧିନତା ଲାଭ କଲା।

ଗୋପବନ୍ଧୁ ଙ୍କ ଭାଷାରେ-

*"ସ୍ୱାଧିନତା ମାନବର ଜନ୍ମ ଅଧିକାର*
*ସ୍ୱାଧିନ ଭାଷଣ ଆଉ ସ୍ୱାଧିନ ବିହାର*
*ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି*
*ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି।"*

*-ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତସିଂହପୁର, ଓଡ଼ିଶା, ମୋ-୯୯୩୭୬୯୧୪୭୫*

# କ୍ୟାପ୍ଟେନ ଅମରିନ୍ଦରଙ୍କ ଇସ୍ତଫାରୁ ଉଠୁଥିବା ପ୍ରଶ୍ନ

**ଡ. ସମନ୍ୱୟ ନନ୍ଦ**



ପଞ୍ଜାବର ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂହଙ୍କୁ କଂଗ୍ରେସ ହାଇକମାଣ୍ଡ ଇସ୍ତଫା ପ୍ରଦାନ କରିବାକୁ କହିବା ପରେ ସେ ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ସେ ଇସ୍ତଫା ଦେବା ପରେ କହିଛନ୍ତି ଯେ ସେ ନବଜୋତ ସିଦ୍ଧୁଙ୍କୁ ପଂଜାବର ମୁଖ୍ୟମନ୍ତ୍ରୀ କରିବାକୁ ବିରୋଧ କରିବେ। କାରଣ ସିଦ୍ଧୁଙ୍କର ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମରାନ ଖାନ ଓ ସେଠାକାର ସେନାମୁଖ୍ୟ ଜେନେରାଲ ବାଜବାଙ୍କ ସହ ଭଲ ସମ୍ପର୍କ ରହିଛି। ପାକିସ୍ତାନ ପଂଜାବକୁ ଅଶାନ୍ତ କରିବାକୁ ଲଗାତର ଚେଷ୍ଟା କରୁଛି। ତେଣୁ ସିଦ୍ଧୁଙ୍କୁ ପଂଜାବର ମୁଖ୍ୟମନ୍ତ୍ରୀ କରାଯିବାକୁ ସେ ପ୍ରବଳ ବିରୋଧ କରିବେ।

ବାସ୍ତବରେ ପଂଜାବ ହେଉଛି ଭାରତର ସୀମାନ୍ତ ରାଜ୍ୟ। ପଂଜାବର ପାକିସ୍ତାନ ସହ ପାଖାପାଖି ଛଅ ଶହ କିମି ସୀମା ଲାଗିଛି। ସୀମାନ୍ତ ରାଜ୍ୟ ହୋଇଥିବାରୁ ପଂଜାବ ଅତ୍ୟନ୍ତ ସମ୍ବେଦନଶୀଳ। ପଂଜାବକୁ ଅସ୍ଥିର କରିବା ପାଇଁ ପାକିସ୍ତାନ ସବୁବେଳେ ଚେଷ୍ଟା କରି ଆସିଛି।

ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ଜରିଆରେ ପଂଜାବର ଶାନ୍ତି ଭଙ୍ଗ କରିବା ପାଇଁ ଚେଷ୍ଟା ଲଗାତାର ଭାବେ ଚାଲିଛି। ପାକିସ୍ତାନ ପୁଣି ଥରେ ଖଲିସ୍ତାନୀ ଆନ୍ଦୋଳନ ଜରିଆରେ ପଂଜାବକୁ ହିଂସାର ନିଆଁରେ ଜାଳିବାକୁ ଚେଷ୍ଟା କରୁଛି। ପାକିସ୍ତାନ ପଂଜାବରେ କିଛି ବଡ କରିବାକୁ ଚେଷ୍ଟାରେ ଅଛି।

ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା କ୍ୟାପ୍ଟେନ ଅମରିନ୍ଦର ସିଂ ପାକିସ୍ତାନ ପକ୍ଷରୁ ପଂଜାବକୁ ଅସ୍ଥିର କରାଯାଉଥିବା ଷଡଯନ୍ତ୍ର ସମ୍ପର୍କରେ କିଛି ସଂକେତ ଦେଇଛନ୍ତି। ସେ କହିଛନ୍ତି ଯେ ପଂଜାବକୁ ପାକିସ୍ତାନ ଡ୍ରୋନ ପଠାଉଛି। ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ପଠାଉଛି। ଏ.କେ ୪୭ ଆରଡିଏକ୍ସ, ବିସ୍ଫୋରକ, ଗ୍ରେନେଡ ରାଇଫଲ, ଏକେ ୪୭ ଆଦି ଆସୁଛି। ପଂଜାବର ଯୁବକ ମାନଙ୍କୁ ଅକାମୀ କରି ଦେବା ପାଇଁ ପାକିସ୍ତାନ ହେରୋଇନ ଓ ଡ୍ରଗ୍ସ ମଧ୍ୟ ପଠାଉଛି। କ୍ୟାପ୍ଟେନ ଅମରିନ୍ଦର ନିଚ୍ଛକ ବାସ୍ତବିକତାକୁ ପ୍ରଥମ ଥର ପାଇଁ ଖୋଲାଖୋଲି ଭାବେ ସାର୍ବଜନୀନ କରିଛନ୍ତି। ଅନ୍ୟ ପକ୍ଷରେ କଂଗ୍ରେସ ହାଇକମାଣ୍ଡ ଏକ ଏପରି ନେତାର କହିବା ଅନୁସାରେ କାମ କରିବା ଭଳି ଲାଗୁଛି ଯାହାର ପାକିସ୍ତାନର ପ୍ରଧାନମନ୍ତ୍ରୀ ଓ ସେଠାକାର ସୈନ୍ୟ ମୁଖ୍ୟ ବାଜବା ସହ ଉତମ ସମ୍ପର୍କ ରହିଛି। କ୍ୟାପ୍ଟେନ ଅମରିନ୍ଦର ସିଂହ ଜଣେ ଦେଶଭକ୍ତ ଭାବେ ଜଣାଶୁଣା। ସେ ଭାରତୀୟ ସେନାରେ ରହି ସାରିଛନ୍ତି। ସେ କଂଗ୍ରେସ ଦଳରେ ଥାଇ ସୁଦ୍ଧା ସବୁବେଳେ ଦେଶ ହିତରେ ବକ୍ତବ୍ୟ ଦେଇ ଆସିଛନ୍ତି।

ଆପଣମାନଙ୍କର ମନେ ଥିବ ଯେ ଭାରତୀୟ ସେନା ଯେତେବେଳେ ପାକିସ୍ତାନରେ ପ୍ରବେଶ କରି ବାଲାକୋଟରେ ଏୟାରଷ୍ଟ୍ରାଇକ କରି ପୁଲବାମା ଆକ୍ରମଣର ପ୍ରତିଶୋଧ ନେଇଥିଲା ସେତେବେଳେ ରାହୁଲ ଗାନ୍ଧୀ ଓ ନବଜୋତ ସିଂହ ସିଦ୍ଧୁ ଏହି ଏୟାରଷ୍ଟ୍ରାଇକ ଉପରେ ପ୍ରଶ୍ନ ଉଠାଇଥିଲେ। ସେମାନେ ସାର୍ବଜନୀନ ଭାଷଣମାନଙ୍କରେ ଏୟାରଷ୍ଟ୍ରାଇକ ଉପରେ ପ୍ରଶ୍ନ ଉଠାଇବା ସହ ସରକାର ଓ ସେନାକୁ ମଧ୍ୟ କାଠଗଡାରେ ଠିଆ କରାଇବାକୁ ଚେଷ୍ଟା କରିଥିଲେ। ସେତେବେଳେ କ୍ୟାପ୍ଟେନ ଅମରିନ୍ଦର ସିଂହ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ସିଦ୍ଧୁଙ୍କ ବକ୍ତବ୍ୟର ବିରୋଧରେ ଯାଇ ଭାରତୀୟ ସେନା ସହ ଠିଆ ହେବାର ଦେଖାଯାଇଥିଲା।

ସେ ଖୋଲାଖୋଲି ଭାବେ ସେତେବେଳେ କହିଥିଲେ ଯେ-ଭାରତୀୟ ସେନା ବାଲାକୋଟରେ ଆକ୍ରମଣ କରି ପାକିସ୍ତାନକୁ ଏକ କଡା ବାର୍ତା ଦେଇଛି। ତେଣୁ ସେନାର କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ଉଠାଇବା ଉଚିତ ନୁହେଁ। ଏପରି ବକ୍ତବ୍ୟ ଦେଇ ସେ ନିଜ ଦଳ କଂଗ୍ରେସକୁ ହିଁ କାଠଗଡାରେ ଠିଆ କରାଇଥିଲେ।

ଦେଶକୁ ମଜବୁତ କରୁଥିବା ମୋଦି ସରକାରଙ୍କ ଏପରି ଅନେକ ପଦକ୍ଷେପକୁ ପାର୍ଟି ଲାଇନରୁ ଉପରକୁ ଯାଇ ପ୍ରଶଂସା କରିଛନ୍ତି। ମୋଦି ସରକାର ଯେତେବେଳେ ଭାରତୀୟ ସେନାକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଚିଫ ଅଫ ଡିଫେନ୍ସ ଷ୍ଟାଫ ପଦ ସୃଷ୍ଟି କରିବାକୁ ନିଷ୍ପତି ନେଲେ ସେତେବେଳେ ମଧ୍ୟ କ୍ୟାପ୍ଟେନ ଅମରିନ୍ଦର ଏହାକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ପୂର୍ବବର୍ତୀ ୟୁପିଏ ସରକାର ସମୟରୁ ସେ ଏହି ପ୍ରସ୍ତାବ ଦେଇଥିଲେ। ହେଲେ ସେତେବେଳେ ଏହା କରାଯାଇ ନ ଥିଲା। ମୋଦୀ ସରକାର ଏହି ନିଷ୍ପତି ନେବା ଦ୍ୱାରା ଦେଶର ସୈନ୍ୟ ବାହିନୀର କମାଣ୍ଡ ଓ କଂଟ୍ରୋଲ ସିଷ୍ଟମକୁ ସୁଧାରିବାରେ ସହାୟକ ହେବ।

ବର୍ତମାନ ମୋଦି ସରକାର ବିରୁଦ୍ଧରେ ଚାଲିଥିବା ତଥାକଥିତ ଚାଷୀ ଆନ୍ଦୋଳନରେ ଖଲିସ୍ତାନୀ ଶକ୍ତିମାନେ ପଶି ସାରିଥିବା ନେଇ ମଧ୍ୟ କ୍ୟାପ୍ଟେନ ଅମରିନ୍ଦର ଖୋଲାଖୋଲି ଭାବେ ଉଲ୍ଲେଖ କରିଥିଲେ।

ସେହିପରି ମୋଦି ସରକାର ଏବେ କିଛିଦିନ ତଳେ ଏକ ଖଲିସ୍ତାନୀ ସମର୍ଥକ ସମୂହ 'ସିଖ୍‌ସ ଫର ଜଷ୍ଟିସ' ଉପରେ କଟକଣା ଲଗାଇବାକୁ ନିଷ୍ପତି ନେଲେ, ସେତେବେଳେ ମଧ୍ୟ କ୍ୟାପ୍ଟେନ ଅମରିନ୍ଦର ମୋଦୀ ସରକାରଙ୍କ ଏହି ନିଷ୍ପତିକୁ ପ୍ରଶଂସା କରିଥିଲେ।

ଏହି ସଂଗଠନ ଭାରତ ଓ ବିଶେଷ ଭାବେ ପଂଜାବକୁ ଅସ୍ଥିର କରିବାକୁ ବିଦେଶୀ ଷଡଯନ୍ତ୍ରର ଅଂଶବିଶେଷ ହୋଇଥିବାରୁ ଏହାକୁ ପ୍ରତିବନ୍ଧିତ କରାଯିବାର ନିଷ୍ପତି ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ଦେଶହିତ ପାଇଁ ଏପରି ବକ୍ତବ୍ୟ ଦେଇ କ୍ୟାପ୍ଟେନ ଅମରିନ୍ଦର କଂଗ୍ରେସ ହାଇକମାଣ୍ଡର ଟାର୍ଗେଟରେ ଆସିବା ସ୍ୱାଭାବିକ ଥିଲା।

ତେଣୁ ଏବେ ଜଣେ ଦେଶଭକ୍ତ ମୁଖ୍ୟମନ୍ତ୍ରୀଙ୍କୁ ଏଭଳି ସମ୍ବେଦନଶୀଳ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ଦିଆଯାଇଛି। ତେବେ ଏପରି ଭାବେ ତାଙ୍କୁ ହଟାଇବାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ।

ତେବେ କଂଗ୍ରେସ ପକ୍ଷରୁ ଯେ ଏପରି ପ୍ରଥମ ଥର ପାଇଁ କରାଯାଉଛି ଏପରି ନୁହେଁ। ଏହା ପୂର୍ବରୁ ମଧ୍ୟ କଂଗ୍ରେସ ନେତାମାନେ ଏପରି କାମ କରିସାରିଛନ୍ତି। ୨୦୦୮ ମସିହାରେ ୨୬-୧୧ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ପାକିସ୍ତାନର ଆଇଏସଆଇର ପ୍ରତ୍ୟକ୍ଷ ଯୋଜନାରେ ଏହି ଆତଙ୍କବାଦୀ ଆକ୍ରମଣ କରାଯାଇଥିଲା ଓ ଏହା ଭାରତର ବାଣିଜ୍ୟିକ ରାଜଧାନୀକୁ ଥରହର କରିଥିଲା। ସେତେବେଳେ ମଧ୍ୟ କଂଗ୍ରେସ ଦଳର କିଛି ନେତା ଏଥିରେ ପାକିସ୍ତାନର ହାତ ନାହିଁ ଓ ଏହି ଆକ୍ରମଣ ପଛରେ ବିଜେପି ଓ ଆରଏସଏସର ହାତ ରହିଛି ବୋଲି ହାସ୍ୟାସ୍ପଦ ତର୍କ ଦେଉଥିଲେ। ସେମାନଙ୍କର ଏକ ମାତ୍ର ଉଦ୍ଦେଶ୍ୟ ଥିଲା ଯେ ପାକିସ୍ତାନକୁ ଏହି ଆକ୍ରମଣରେ କ୍ଲିନ ଚିଟ ପ୍ରଦାନ କରିବା।

କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଓ ଉପାଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅତି ପାଖ ନେତା ଦିଗବିଜୟ ସିଂହ ଖୋଲାଖୋଲି ଭାବେ ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ, ଯେଉଁଥିରେ ଏହି ଆକ୍ରମଣ ପଛରେ ପାକିସ୍ତାନ ନୁହେଁ ବରଂ ଆରଏସଏସର ହାତ ରହିଛି ବୋଲି ଉଲ୍ଲେଖ କରାଯାଇଥିଲା। ତେଣୁ ଏପରି ସ୍ଥିତିରେ ପଂଜାବ ଭଳି ଏକ ସୀମାନ୍ତ ଓ ସମ୍ବେଦନଶୀଳ ରାଜ୍ୟରେ କ୍ୟାପ୍ଟେନକୁ ହଟାଇବା ଓ ତାଙ୍କ ସ୍ଥାନରେ ଜଣେ ପାକିସ୍ତାନୀ ନେତାଙ୍କ ସହ ଉତମ ସମ୍ପର୍କ ଥିବା ନେତାକୁ ମୁଖ୍ୟମନ୍ତ୍ରୀ କରିବାକୁ ପ୍ରୟାସ କରିବା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ହେଲେ କ୍ୟାପ୍ଟେନ ଅମରିନ୍ଦରଙ୍କ ବିରୋଧ ପରେ ଅତି କମ୍‌ରେ ପାର୍ଟି ହାଇକମାଣ୍ଡ ଆଉ ସିଦ୍ଧୁଙ୍କୁ ମୁଖ୍ୟମନ୍ତ୍ରୀ ନ କରି ଆଉ ଜଣେ କଂଗ୍ରେସ ନେତାକୁ ମୁଖ୍ୟମନ୍ତ୍ରୀ କରିଥିବା ଜଣାଯାଇଛି। ଯାହା ଦେଶର ସ୍ୱାର୍ଥପାଇଁ ଅନୁକୂଳ ହୋଇଛି।




# ବନ୍ୟା ପ୍ରପିଡ଼ିତ ପରିବାର ଗୁଡ଼ିକୁ ଖାଦ୍ୟ ବଂଟନ



ଖୋର୍ଦ୍ଧା : ଲଘୁଚାପ ଜନିତ ବର୍ଷରେ ଖୋର୍ଦ୍ଧା ବ୍ଲକ୍‌ର ବିଭିନ୍ନ ଗ୍ରାମପଂଚାୟତ ଗୁଡ଼ିକରେ ବନ୍ୟା ପରିସ୍ଥିତି ଦେଖାଦେଇଛି । ଫଳରେ ଏବେ ବି ବହୁ ଗ୍ରାମ ଜଳମଗ୍ନ ହୋଇ ରହିଛି । ପ୍ରଶାସନ ବନ୍ୟା ପ୍ରପିଡ଼ିତ ମାନଙ୍କ ପାଖରେ ପହଁଚି ପାରି ନଥିବା ବେଳେ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ଭୈରବୀ କ୍ଲବ୍ ପକ୍ଷରୁ ତିନି ଦିନ ଧରି ନରଣଗଡ଼ ଗ୍ରା.ପ.ର ଧବଳପୁର, ଓରମି, ମାନପୁର ଓ ଓରବରସିଂହ ଗ୍ରା.ପର ହିରିମ୍ଳ ଗ୍ରାମରେ ୪ଶହ ରୁ ଉର୍ଦ୍ଧ୍ୱ ବନ୍ୟା ପ୍ରପିଡ଼ିତ ପରିବାରକୁ ସୁଖିଲା ରନ୍ଧା ଖାଦ୍ୟ ବଂଟନ କରାଯାଇଥିଲା । ଏଥିରେ ଭୈରବୀ କ୍ଲବର ସମ୍ପାଦକ ବୈକୁଣ୍ଠ ନାଥ ମାର୍ଥା ଓ ତାଙ୍କର ସହକର୍ମୀମାନେ ସହଯୋଗ କରିଥିଲେ ।

# ଟାଉନ ଥାନା ପକ୍ଷରୁ ୪ ଦୁଷ୍କର୍ମ ଅଭିଯୁକ୍ତ ଗିରଫ

କେନ୍ଦ୍ରାପଡ଼ା : ଟାଉନ ଥାନା ପକ୍ଷରୁ ୪ଜଣ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେଥିମଧ୍ୟରୁ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜଣଙ୍କର କରୋନା ପଜିଟିଭ ବାହାରିବାରୁ ସେହି ଅଭିଯୁକ୍ତଙ୍କୁ ଛତାସ୍ଥିତ କୋଭିଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ସୂଚନା ଦିଆଯାଇଛି । ଏହି ଉପଲକ୍ଷେ କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା ବୁଧବାର ଟାଉନ ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଆହୁତ କରି କହିଥିଲେ ଯେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସମ୍ପିତ ସମ୍ପଦ ମଡକରଙ୍କ ସହିତ କେନ୍ଦ୍ରାପଡାର ଅପରାଧୀକ ମାମଲାର ସମୀକ୍ଷା କରୁଥିବା ବେଳେ ଜିଲ୍ଲାର ବିଭିନ୍ନ ଥାନା ଗୁଡିକରେ ପଡିରହିଥିବା ପୁରୁଣା ମାମଲା ଗୁଡିକର ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁଯାଇ ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡକରଙ୍କ ନିର୍ଦ୍ଦେଶରେ ୪ଟି ଟିମ ଗଠନ କରାଯାଇ ବିଭିନ୍ନ ପୁରୁଣା ମାମଲାର ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା । କେନ୍ଦ୍ରାପଡା ଟାଉନ ଥାନାର କେଶ ନମ୍ବର ୧୩୫/୨୦୧୭ରେ ଜଣେ ଝିଅକୁ କେନ୍ଦ୍ରାପଡା ସହରର ତିନିମୁହାଣି ଛକରୁ ଉଠେଇ ନେଇଥିବା ଅଭିଯୋଗରେ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଚାହାପଡା ଗ୍ରାମର ମୀନକେତନ ମଳିକଙ୍କ ପୁଅ ରାକେଶ ମଳିକ(୨୬)କୁ ଭୁବନେଶ୍ୱରରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । କେଶ ନମ୍ବର ୧୭୨/୨୦୧୮ରେ ଭଗବାନପୁର ଗ୍ରାମର ଜନୈକ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ମଳିକଙ୍କ ସମେତ ହୃଷିକେଶ ମହାନ୍ତିଙ୍କ ପତ୍ନୀ ରୀନା ଓରଫ ଗାୟତ୍ରୀ ମହାନ୍ତିଙ୍କୁ ମହାକାଳପଡାରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । କେଶ ନମ୍ବର ୧୦୯/୨୦୧୯ରେ ସାନମଙ୍ଗଳା ଗ୍ରାମର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଗତସିଂହପୁର ଜିଲ୍ଲାର ପାରାଦୀପ ଲକ ଥାନା ଅନ୍ତର୍ଗତ ବିଜୟଚାନ୍ଦପୁର ଗ୍ରାମର ସୁବଳ ମନ୍ତ୍ରୀଙ୍କ ପୁଅ ବୃନ୍ଦାବନ ମନ୍ତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେହିପରି ଟାଉନ ଥାନା କେଶ ନମ୍ବର ୧୦୫/୨୦୧୯ରେ ଟାଉନ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଶୁକରପଡା ଗ୍ରାମର ଶଶୁର ଘରେ ଥିବାଚକଡା ଗ୍ରାମର କୃଷ୍ଣଚନ୍ଦ୍ର ମଳିକଙ୍କ ପୁଅ ପତିଆ ଓରଫ ଗୁଣନିଧି ମଳିକ(୩୫)କୁ ଗିରଫ କରାଯାଇଥିଲା । କିନ୍ତୁ ପତିଆର ଡାକ୍ତରୀ ପରୀକ୍ଷାରେ କରୋନା ପଜିଟିଭ ବାହାରିବାରୁ ତାକୁ ଛତାସ୍ଥିତ କୋଭିଡ ହସପିଟାଲରେ ଭର୍ତ୍ତି କରାଯାଇଛି । ସେଠାରୁ ବାହାରିବା ପରେ ତାକୁ କୋର୍ଟ ଚାଲାଣ କରାଯିବ ବୋଲି ଏସଡିପିଓ ଶ୍ରୀ ପଣ୍ଡା ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆଇଆଇସି ସୁମନ୍ତ କିଷାନ, ତଦନ୍ତକାରୀ ଅଧିକାରିଣୀ ଏସ.ଆଇ. ପ୍ରଜ୍ଞାଶ୍ରୀ ନାୟକ ଓ ଏସ.ଆଇ. କାଦମ୍ବିନୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଆର.ଟି.ଆଇ.ରେ ସୂଚନା ନଦେବାରୁ ଗରଦପୁର ବ୍ଲକର ପୂର୍ବତନ ଏବିଡିଓ ଏବଂ ଏମ.ଆଇ.ଙ୍କୁ ଜୋରିମାନା ନିର୍ଦ୍ଦେଶ

କେନ୍ଦ୍ରାପଡ଼ା : ସୂଚନା ଅଧିକାର ଆଇନରେ ସଠିକ ସମୟରେ ସୂଚନା ପ୍ରଦାନ ନକରିବା ଏବଂ ଆବେଦନକାରୀଙ୍କ ପ୍ରତି ଅବହେଳା କରିଥିବାରୁ ରାଜ୍ୟ ସୂଚନା କମିଶନର କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକର ପୂର୍ବତନ ଏବିଡିଓ ଏବଂ ଏମ.ଆଇ.ଙ୍କୁ ୫ହଜାର ଟଙ୍କା ଲେଖାଁଏ ଜୋରିମାନା ଏକମାସ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗରଦପୁର ବ୍ଲକ ଅନ୍ତର୍ଗତ ନାଗଣପୁର ଗ୍ରାମର ଶୁଭ୍ରାନ୍ତ କୁମାର ମହାନ୍ତି ଗତ ୨୦୧୭ମସିହାରେ ସୂଚନା ଅଧିକାର ଆଇନରେ ଗରଦପୁର ବ୍ଲକର ଜନ ସୂଚନା ଅଧିକାରୀଙ୍କୁ ରାସନ ସାମଗ୍ରୀ ଓ ଖାଉଟି ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ମାଗିଥିଲେ । କିନ୍ତୁ ତତକାଳୀନ ଏବିଡିଓ ଦେବେନ୍ଦ୍ରନାଥ ସ୍ୱାଇଁ ଏବଂ ଏମ.ଆଇ. ପ୍ରଦୀପ କୁମାର ଭଙ୍ଗ ଆବେଦନକାରୀ ଶ୍ରୀ ମହାନ୍ତିଙ୍କୁ ସେହି ସୂଚନା ପ୍ରଦାନରେ ସହଯୋଗ କରିନଥିଲେ । ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହେବା ପରେ ଶୁଭ୍ରାନ୍ତ ରାଜ୍ୟ ସୂଚନା କମିଶନରଙ୍କ ନିକଟରେ ଏ ସମ୍ପର୍କରେ ଅପିଲ ଆବେଦନ କରିଥିଲେ । ସେହି ଆବେଦନର ବିଚାର କରି ରାଜ୍ୟ ସୂଚନା କମିଶନର ପୂର୍ବତନ ଗରଦପୁର ବ୍ଲକ ଏବିଡିଓ ଶ୍ରୀ ସ୍ୱାଇଁ ଏବଂ ଏମ.ଆଇ. ଶ୍ରୀ ଭଙ୍ଗଙ୍କୁ ୫ହଜାର ଟଙ୍କା ଲେଖାଏଁ ଜୋରିମାନା ନିର୍ଦ୍ଦେଶ ପ୍ରଦାନର ଏକ ମାସ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଯଦି ଉଭୟ ଜୋରିମାନା ଅର୍ଥ ସରକାରୀ ତହବିଲରେ ଜମା ନକରନ୍ତି ତେବେ ଗରଦପୁର ବିଡିଓ ଏବଂ କେନ୍ଦ୍ରାପଡା ଜିଲ୍ଲାପାଳ ଉଭୟଙ୍କ ଦରମା କିମ୍ବା ପେନସନରୁ ଜୋରିମାନା ଅର୍ଥ କାଟି ସରକାରୀ ତହବିଲରେ ଜମାଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

# ନିମ୍ନମାନର ରାସ୍ତା ନିର୍ମାଣ ନେଇ ଗ୍ରାମବାସୀଙ୍କ ଅଭିଯୋଗ



ଖୋର୍ଦ୍ଧା : ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷରେ ରାସ୍ତାର ଉନ୍ନତି କରଣ ନିମନ୍ତେ ଖୋର୍ଦ୍ଧା ଗୁରୁଜଙ୍ଗ ଠାରୁ ୧୬ ନମ୍ବର ଜାତୀୟ ରାଜପଥ ପିତାପଲ୍ଲୀ ପର୍ଯ୍ୟନ୍ତ ଭାୟ କୁମାରବସ୍ତ ଦେଇ ୪/୯୦୦ କି.ମି. ରାସ୍ତା ନିମନ୍ତେ ୩କୋଟି ୪୮ଲକ୍ଷ ୬୫ହଜାର ଟଙ୍କା ଅର୍ଥ ମଞ୍ଜୁର କରାଯାଇଥିଲା । ତା.୧୮.୦୨.୨୦୧୯ ରିଖ ଠାରୁ ରାସ୍ତା କାମ ଆରମ୍ଭ ହୋଇ ତା.୧୭.୦୮.୨୦୧୯ରେ ଶେଷ ନିମନ୍ତେ କାର୍ଯ୍ୟାଦେଶରେ ଉଲ୍ଲେଖ ଥିଲା । ଠିକ୍ ସେହିପରି ଭାବରେ ରାସ୍ତାର ଉଭୟ ପାର୍ଶ୍ୱରୁ ଜଳ ନିଷ୍କାସନ ନିମନ୍ତେ ୧୪ଟି ନୂତନ କଲଭର୍ଟ ନିର୍ମାଣ ପାଇଁ କାର୍ଯ୍ୟାଦେଶରେ ମଧ୍ୟ ଉଲ୍ଲେଖ ଥିଲା । ଦେଖିବାକୁ ମିଳିଥିଲା ଯେ ଉଲ୍ଲେଖ ଥିବା ୧୪ଟି ନୂତନ କଲଭର୍ଟ ନିର୍ମାଣ କରିବା ପରିବେର୍ତ୍ତ ପୁରୁଣା କଲଭର୍ଟ ଗୁଡ଼ିକରେ ଚୂନ ମାରି କାମ ସମ୍ପୂର୍ଣ୍ଣ କରିଦେଇଥିଲେ ସମ୍ପୃକ୍ତ ଠିକାଦାର । ଠିକ୍ ସେହିପରି ଭାବରେ ପୂର୍ବରୁ ଜଳ ନିଷ୍କାସନ ନିମନ୍ତେ ଥିବା ପୋଲଗୁଡ଼ିକ ମଧ୍ୟ ପୋତି ଦିଆଯାଇଥିଲା । ଫଳରେ ବର୍ଷା ସମୟରେ ଜଳ ନିଷ୍କାସନ ହୋଇ ନପାରି ରାସ୍ତା ଉପରେ ପାଣି ଜମି ରହିବା ଏବଂ ପ୍ରବାହିତ ହେବା ଯୋଗୁଁ ରାସ୍ତାରେ ଖାଲ ଖମା ହେବା ସହିତ ସେହି ବାଟ ଦେଇ ଦୈନନ୍ଦିନ ଯାତାୟତ କରୁଥିବା ଶହ ଶହ ସଂଖ୍ୟାରେ ଯାତ୍ରୀ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ନିମ୍ନମାନର ରାସ୍ତା କାମ ଯୋଗୁଁ ରାସ୍ତାରୁ ପିଚୁ ସବୁ ଉଠି ରାସ୍ତା ନଷ୍ଟ ହୋଇଯାଇଛି । ଏ ସମ୍ପର୍କରେ ଗ୍ରାମବାସୀମାନେ ଦୁର୍ନୀତିନିବାରଣ ବିଭାଗ ଦ୍ୱାରା ତଦନ୍ତ କରାଯିବା ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବୀ କରିଛନ୍ତି ।

# ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡ଼ୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ଓ୍ୱାର୍ଡ ମେମ୍ବର ଇରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

## ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

# ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଠ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

# ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତ୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତା । ବର୍ତ୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି ,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଳି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

# ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଟପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଟପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତ୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତ୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧାପକ କୈଳାସ ଆର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତ୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ରତ୍ନପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

# ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭ ୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

# ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ ।

## ୨ କୋଭିଡ୍ ସନ୍ଦିଗ୍ଧଙ୍କ ଶବ ସଂସ୍କାର ପାଇଁ ସହାୟତା କଲା ଟିମ ହ୍ୟୁମେନିଟି

# ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଚି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




## କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶିତ



କେନ୍ଦ୍ରାପଡା (ପିଏନ୍)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର +୩ ପରୀକ୍ଷା ଫଳ ଗତ ରବିବାର ପ୍ରକାଶ ପାଇଛି । ଏଥିରେ +୩ ବିଜ୍ଞାନ ବିଭାଗ ପଦାର୍ଥ ବିଜ୍ଞାନ ସମ୍ମାନ ଛାତ୍ର ରାହୁଲ ଶତପଥୀ କଲେଜ ଟପ୍ପର ହୋଇଥିବା ଜଣାପଡିଛି । ସେହିପରି କଳା ବିଭାଗର ମନସ୍ତତ୍ୱ ସମ୍ମାନର ଛାତ୍ରୀ ପ୍ରଜ୍ଞା ପରମିତା ଷଣ୍ଢ କଳା ବିଭାଗରେ ଟପ୍ପର ହୋଇଥିବା ବେଳେ ବାଣିଜ୍ୟ ବିଭାଗର ସମ୍ମାନର ଛାତ୍ରୀ ଶୁଭଶ୍ରୀ ନାୟକ ବାଣିଜ୍ୟ ବିଭାଗର ଟପ୍ପର ହୋଇଛନ୍ତି । ବିଜ୍ଞାନ ବିଭାଗର ଛାତ୍ର ରାହୁଲ ୯୨.୮୮ ପ୍ରତିଶତ ମାର୍କ ରଖିଥିବା ବେଳେ କଳା ବିଭାଗର ଛାତ୍ରୀ ପ୍ରଜ୍ଞା ପରମିତା ୮୯.୭୬ ପ୍ରତିଶତ ଓ ବାଣିଜ୍ୟ ବିଭାଗ ଛାତ୍ରୀ ଶୁଭଶ୍ରୀ ୮୧.୭୬ ପ୍ରତିଶତ ମାର୍କ ରଖିଛନ୍ତି । ଏହି ୩ଜଣ ଛାତ୍ରଛାତ୍ରୀଙ୍କୁ ଏକ ନିରାଡମ୍ବର ଉତ୍ସବରେ କଲେଜ ଅଧ୍ୟକ୍ଷ ପ୍ରଫେସର ଡ଼.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି । କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଚଳିତ ବର୍ଷ କଳାରେ ୯୮.୩୩ ପ୍ରତିଶତ, ବାଣିଜ୍ୟରେ ୯୭ପ୍ରତିଶତ ଓ ବିଜ୍ଞାନରେ ଶତ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତିର୍ଣ୍ଣ ହୋଇଛନ୍ତି । କଳାରେ ୨୭୧ଜଣ ଛାତ୍ରଛାତ୍ରୀ ପଞ୍ଜିକୃତ ହୋଇଥିବା ବେଳେ ୨୫୦ଜଣ ପରୀକ୍ଷା ଦେଇଥିଲେ । ୨୧ଜଣ ପରୀକ୍ଷା ଦେଇନଥିବା ବେଳେ ପ୍ରଥମଶ୍ରେଣୀ ଡିଷ୍ଟିନସନରେ ୨୦୩ ଜଣ, ପ୍ରଥମ ଶ୍ରେଣୀରେ ୨୮ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୧୪ଜଣ ପାସ କରିଥିବାବେଳେ ମୋଟ ୨୪୫ ଜଣ ପାସ କରିଛନ୍ତି ଓ ୫ଜଣ ଫେଲ ହୋଇଛନ୍ତି । ସେଥିମଧ୍ୟରୁ ୬୯ଜଣ ଛାତ୍ର ଥିବା ବେଳେ ୧୮୧ଜଣ ଛାତ୍ରୀ ଅଛନ୍ତି । ବିଜ୍ଞାନ ବିଭାଗରେ ୨୭୦ଜଣ ପଞ୍ଜିକୃତ ହୋଇଥିବା ବେଳେ ୨୪୪ଜଣ ପରୀକ୍ଷା ଦେଇଥିଲେ । ୨୬ଜଣ ପରୀକ୍ଷା ଦେଇନଥିବା ବେଳେ ପ୍ରଥମଶ୍ରେଣୀ ଡିଷ୍ଟିନସନରେ ୧୫୦ଜଣ, ପ୍ରଥମଶ୍ରେଣୀରେ ୯୨ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୨ଜଣ ପାସ କରିଥିବା ବେଳେ ମୋଟ ୨୪୪ଜଣ ପାସ କରିଛନ୍ତି । ସେଥିମଧ୍ୟରୁ ୧୨୮ଜଣ ଛାତ୍ର ଥିବା ବେଳେ ୧୧୬ଜଣ ଛାତ୍ରୀ ଅଛନ୍ତି । ସେହିଭଳି ବାଣିଜ୍ୟ ବିଭାଗରେ ୨୭୫ଜଣ ପଞ୍ଜିକୃତ ହୋଇଥିବା ବେଳେ ୨୬୦ଜଣ ପରୀକ୍ଷା ଦେଇଥିଲେ । ୧୫ଜଣ ପରୀକ୍ଷା ଦେଇନଥିବା ବେଳେ ପ୍ରଥମଶ୍ରେଣୀ ଡିଷ୍ଟିନସନରେ ୩୦ଜଣ, ପ୍ରଥମଶ୍ରେଣୀରେ ୧୩୨ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୧୩୦ଜଣ ପାସ କରିଥିବା ବେଳେ ମୋଟ ୨୫୩ଜଣ ପାସ କରିଛନ୍ତି ଓ ୭ଜଣ ଫେଲ ହୋଇଛନ୍ତି । ସେଥିମଧ୍ୟରୁ ୨୦୨ଜଣ ଛାତ୍ର ଥିବା ବେଳେ ୫୩ଜଣ ଛାତ୍ରୀ ଅଛନ୍ତି । କଲେଜର ମୋଟ ୮୧୬ଜଣ ଛାତ୍ରଛାତ୍ରୀ ପଞ୍ଜିକୃତ ହୋଇଥିବା ବେଳେ ମୋଟ ୭୫୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଓ ୭୪୩ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି । କଲେଜର ପାସହାର ୯୮.୫ ପ୍ରତିଶତ ହୋଇଥିବା ବେଳେ ସେଥିମଧ୍ୟରୁ ୪୦୧ଜଣ ଛାତ୍ର ଥିବା ବେଳେ ୩୪୨ଜଣ ଛାତ୍ରୀ ଅଛନ୍ତି । ଏହି ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବରେ କଲେଜ ଅଧ୍ୟକ୍ଷ ଡଃ. ତ୍ରିପାଠୀଙ୍କ ସମେତ ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା, ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପକ ରାମଚନ୍ଦ୍ର ପାତ୍ର, ଉପ-ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ରମାନାଥ ମହାନ୍ତି, ଡଃ. ଜ୍ଞାନୀନ୍ଦ୍ର ଦାଶ, ଡଃ. ଗୌରପ୍ରସାଦ ଷଡଙ୍ଗୀ, ଅଶୋକ କୁମାର ଦାସ, ସେକ ସାହାବୁଦ୍ଦିନ ଅଲ୍ଲୀ, ଅଧ୍ୟାପକ ରଞ୍ଜିତ କୁମାର ଦାସ, ଡଃ. ସେକ ହବିବ, ଡଃ. ଦେବକାନ୍ତ ଷଡଙ୍ଗୀ, ଅଚ୍ୟୁତ କୁମାର ମହାରଣା, ଅମର ସାହୁ, ରାକେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଅସହାୟଙ୍କୁ ସହାୟତାର ହାତ ବଢାଇଲା ମହାକାଳପଡା ବିକାଶ ମଞ୍ଚ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ କେୟାରବାଙ୍କ ଗ୍ରାମର ରଞ୍ଜନ ଦାସଙ୍କ ପରିବାରକୁ ସହାୟତାର ହାତ ବଢାଇଛି ମହାକାଳପଡା ବିକାଶ ମଞ୍ଚ । ୫ବର୍ଷ ଧରି ପାରାଲିସିସ ରୋଗରେ ପିଡିତ ହୋଇ ଶଯ୍ୟାଶାୟୀ ହୋଇପଡିଥିବା ରଞ୍ଜନ ଦାସଙ୍କ ସମ୍ପର୍କରେ ଶୁଣିବା ପରେ ମହାକାଳପଡା ବିକାଶ ମଞ୍ଚର ସଭାପତି କାଶୀନାଥ ରାଉତରାୟ ରବିବାର ସକାଳେ ତାଙ୍କ ଘରେ ପହଞ୍ଚି ରଞ୍ଜନଙ୍କୁ ଶୁଖିଲା ଖାଦ୍ୟ ଚାଉଳ, ଡାଲି, ଅଟା, ଚୁଡା, ଚିନି ପ୍ରଭୃତି ସମେତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଶ୍ରୀ ରାଉତରାୟଙ୍କ ସହିତ ମଞ୍ଚର ସଦସ୍ୟ ଧନେଶ୍ୱର ସେଠୀ, ନିରଞ୍ଜନ ଓଝା, ବିଦ୍ୟାଧର ପଲ୍ଲାଇ, ପ୍ରଦୀପ ଦାସ, ପବିତ୍ର ମାଇତି, ନିର୍ମଳ ଓଝା ଓ କମଳାକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ମହିମା ସେବା ଫାଉଣ୍ଡେସନର ଦ୍ୱିତୀୟ ସ୍ୱନକ୍ଷତ୍ର ପାଳିତ



ଭୁବନେଶ୍ୱର (ପିଏନ୍): ସାମାଜିକ ଅନୁଷ୍ଠାନ ମହିମା ସେବା ଫାଉଣ୍ଡେସନର ୨ୟ ସ୍ୱନକ୍ଷତ୍ର ସ୍ଥାନୀୟ ଜନକଲ୍ୟାଣ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଦୀପ ପ୍ରଜ୍ୱଳନ ସହ ବିଶିଷ୍ଟ ସାହିତ୍ୟିକା, ଲେଖିକା, ସଂପାଦିକା ମନୋରମା ମହାପାତ୍ରଙ୍କୁ ଶ୍ରଦ୍ଧାଂଜଳି ସ୍ୱରୂପ ନୀରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବ୍ରଜବନ୍ଧୁ ପରିଡ଼ା, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ, ଭାଷାପ୍ରାଣ, ସାମ୍ବାଦିକ ଡ. ଅସିତ ଦାସ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଯୋଗଦେଇ ମା’ ମାଟି ଓ ମାତୃଭାଷା ପ୍ରତି ସମସ୍ତେ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ମାନବ ସେବା ହିଁ ମାଧବ ସେବା । ସମସ୍ତ ନିଜ ନିଜ ସ୍ତରରେ ଅସହାୟ ମାନଙ୍କୁ ସାହାଯ୍ୟ ଓ ସହଯୋଗ କରିପାରିଲେ ପ୍ରକୃତ ରାଷ୍ଟ୍ର ନିର୍ମାଣ ସହ ବ୍ୟକ୍ତିତ୍ୱ ନିର୍ମାଣ ସମ୍ଭବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଆଜି ଆମ ରାଜ୍ୟ ଓ ଦେଶର ସୀମା ସଂକଟରେ । ତେଣୁ ସମସ୍ତେ ଏ ବିଷୟ ପ୍ରତି ଗଭୀର ଭାବେ ଚିନ୍ତନ କରି ସେହି ଦିଗରେ କାର୍ଯ୍ୟକରିବାକୁ ଅତିଥିମାନେ କହିଥିଲେ । ଫାଉଣ୍ଡେସନର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସମାଜସେବୀ ନାରାୟଣ ଖୁଂଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ ବିଶିଷ୍ଟ ପରିବେଶବିତ ତଥା ସମାଜସେବୀ ପ୍ରଦୀପ କୁମାର ବାରିକ । ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରମୁଖ ବ୍ୟକ୍ତିତ୍ୱ ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ ବ୍ୟକ୍ତିମାନଙ୍କ ମଧ୍ୟରେ କରୋନା ଶ୍ରେଷ୍ଠ ଆଲେଖ୍ୟ ସମ୍ମାନ ସାମ୍ବାଦିକ ସୌଭାଗ୍ୟରଂଜନ ମହାନ୍ତି, ଉପନ୍ୟାସ ପେଟ ପାଇଁ ଜୟଶ୍ରୀ ଦାସ, ଅଟଳ ବିହାରୀ ସ୍ମୃତି ସମ୍ମାନ କବି ସଂଜୟ କୁମାର ଚୌଧୁରୀ, ସ୍ୱାସ୍ଥ୍ୟ ସେବା ପାଇଁ କରୋନା ଯୋଦ୍ଧା ସମ୍ମାନ ସୁରେନ୍ଦ୍ର କୁମାର ସାହୁ, ପୂଜ୍ୟପୂଜା ଓ ସାମ୍ବାଦିକତା ପାଇଁ ମନୋରଂଜନ ମହାନ୍ତି, ସାହିତ୍ୟିକା ସୁଧା ପଟ୍ଟନାୟକ, ମନିଷା ରାୟ, ଯୁବ ସମାଜସେବୀ ମୁକେଶ ଖଂଟୁଆ, ବରିଷ୍ଠ ସ୍ତମ୍ଭକାର, କବି ବେଣୁଧର ସୂତାରଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା । ପରିଶେଷରେ ସତ୍ୟବ୍ରତ ଜେନା ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଶଶିକଳା, ହୃଦୟାନନ୍ଦ ଜେନା, ରାଜା, ଲିଙ୍ଗରାଜ ପ୍ରମୁଖ ।

## ଲକ୍ଷ୍ମୀପ୍ରିୟା ଏଣ୍ଟରପ୍ରାଇଜର୍ସ ଉଦ୍‌ଘାଟିତ

କେନ୍ଦୁଝର (ପିଏନ୍): କେନ୍ଦୁଝରଗଡ ପୌରପାଳିକା ଅନ୍ତର୍ଗତ ୱାର୍ଡ ନଂ ୧୩ସ୍ଥିତ ରାମମନ୍ଦିର କଲୋନୀଠାରେ ଲକ୍ଷ୍ମୀପ୍ରିୟା ଏଣ୍ଟରପ୍ରାଇଜର୍ସ ଜିଲ୍ଲା ଭେଷଜ ନିରୀକ୍ଷକ ସଂଜୟ କୁମାର ହାଁସଦାଙ୍କ ଦ୍ୱାରା କରୋନା କଟକଣା ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି । ଏଣ୍ଟରପ୍ରାଇଜର୍ସର ସତ୍ତ୍ୱାଧିକାରୀ ଅଭିଜିତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନିରାଡମ୍ବର କାର୍ଯ୍ୟକ୍ରମରେ ସୋମନାଥ ଚାୱ୍ଡା,ଦିଲ୍ଲୀପ ରାମ, ଇଂ. ପଦ୍ମଲୋଚନ ସାହୁ, ଜିତେନ୍ଦ୍ର କୁମାର ସ୍ୱାଇଁ, ତପନ ପଟ୍ଟନାୟକ, ଶିବନାରାୟଣ ଦାସ, ମାନସ ମିଶ୍ର, ସୁବାସ କୁଅଁର, ଶ୍ରୀଧର ବେହେରା ଓ ସୁଜିତ କୁମାର ପଟ୍ଟନାୟକ ପ୍ରମୁଖଙ୍କ ସମେତ କେତେକ ଔଷଧ ବ୍ୟବସାୟୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ସମଗ୍ର ଜିଲ୍ଲାରେ ପ୍ରଥମ ଥର ପାଇଁ ପ୍ରତିଷ୍ଠା କରାଯାଇଥିବା ଏହି ଅନୁଷ୍ଠାନରେ ଅସ୍ତ୍ରୋପଚାରରେ ବ୍ୟବହୃତ ସମସ୍ତ ଯନ୍ତ୍ରାଂଶ,ଭୌତିକ ଚିକିତ୍ସା (ଫିଜିଓଥେରାପି)ରେ ବ୍ୟବହୃତ ଯନ୍ତ୍ରାଂଶ, ଗବେଷଣାଗାର (ଲାବରେଟୋରୀ)ରେ ବିଭିନ୍ନ ଶାରିରୀକ ପରୀକ୍ଷା ପାଇଁ ଦରକାର ପଡୁଥିବା ରାସାୟନିକ ସାମଗ୍ରୀ, ସାନିଟାଇଜର, ମାସ୍କ, ହ୍ୱିଲ ଚେୟାର ଆଦି ଉପଲବ୍ଧ ହୋଇଥାଏ । ସେହିପରି ଏହି ସମସ୍ତ ସାମଗ୍ରୀ ଜିଲ୍ଲାର ସମସ୍ତ ଔଷଧାଳୟକୁ ନିର୍ଦ୍ଧାରିତ ଦରରେ ଯୋଗାଇ ଦିଆଯିବା ଲାଗି ଲକ୍ଷ୍ୟ ରଖାଯାଇଛି । ଜନସନ କମ୍ପାନୀର ରିଜିଓନାଲ ସେଲସ ରିପ୍ରେଜେଣ୍ଟେଟିଭ୍ ପ୍ରଭାତ କୁମାର ମଧ୍ୟ ଉପସ୍ଥିତ ଥିଲେ ।

# ବିଜେଡି ଓ ଆପ୍ ଛାଡି କଂଗ୍ରେସରେ ଯୋଗଦେଲେ ୪୦ରୁ ଊର୍ଦ୍ଧ୍ୱ କର୍ମୀ

ରାଉରକେଲା (ପିଏନ୍): ଯୁବନେତା ବିକାଶ ସୁନା ସେବକ ଷଣ୍ଢଙ୍କ ନେତୃତ୍ୱରେ ବିଜେଡି ଓ ଆମ୍ ଆଦ୍‌ମି ପାର୍ଟି ଛାଡି ୪୦ରୁ ଊର୍ଦ୍ଧ୍ୱ କର୍ମୀ ଆଜି କଂଗ୍ରେସ ଦଳରେ ଯୋଗଦାନ କରିଛନ୍ତି । ଏହି ଉପଲକ୍ଷେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ଜର୍ଜ ତିର୍କୀଙ୍କ ଅଧ୍ୟକ୍ଷତାରେ ଏକ ମିଶ୍ରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ମିଶ୍ରଣ ଉତ୍ସବରେ ଶ୍ରୀ ତିର୍କୀ ବିଜେଡି ଓ ଆମ୍ ଆଦମି ପାର୍ଟି ତ୍ୟାଗ କରିଥିବା ସମସ୍ତ କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ । ଏହି ଅବସରରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି ସମସ୍ତ ନବାଗତଙ୍କୁ ସ୍ୱାଗତ କରି ବିଜେଡି ଯେପରି ଦୀର୍ଘବର୍ଷ ଧରି ରାଉରକେଲା ବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ଠକି ଚାଲିଛି, ଆମେ ସମସ୍ତେ ମିଳିମିଶି ଶ୍ରୀ ତିର୍କୀଙ୍କ ନେତୃତ୍ୱରେ ବିଜେଡିକୁ ଠିକଣା ଜବାବ ଦେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ମିଶ୍ରଣ ଉତ୍ସବରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ରୋହିତ ଯୋଶେଫ ତିର୍କୀ, ମହିଳା କଂଗ୍ରେସ ସଭାନେତ୍ରୀ ଲତା ନାୟକ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଏସ୍‌ସି ସେଲ୍ ଅଧକ୍ଷ ବିନୋଦ ତନ୍ତୀ, ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନା, ଅଂଜନ ବେହେରା, ଡାନିଏଲ କିସାନ, ଦିଲ୍ଲୀପ ଲାହିରି ପ୍ରମୁଖ ଉପସ୍ଥିତ ରହି ଦଳରେ ଯୋଗ ଦେଇଥିବା ସମସ୍ତ କର୍ମୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବିଜେଡି ପରିତ୍ୟାଗ କରି କଂଗ୍ରେସରେ ଯୋଗ ଦେଇଥିବା ବିକାଶ ସୁନା ଓ ଆମ୍ ଆଦ୍‌ମି ପାର୍ଟି ତ୍ୟାଗ କରି କଂଗ୍ରେସର ଯୋଗଦାନ କରିଥିବା ସେବକ ଷଣ୍ଢଙ୍କ ନେତୃତ୍ୱରେ ରାଜୀବ ସୁନା, ବିକ୍ରମ ବେହେରା, ଦୀପକ ସୁନା, ସୁମୀତ କୁମ୍ଭାର, ଦେବ ବେହେରା, ରୋହିତ ପାଶୱାନ, ଲଳିତ କୁମାର, ଅନନ୍ତ ମହାନନ୍ଦ, ରଫିକ ସୁନା, ମନୀଷ ପାଶୱାନ, ଗୀତା ଦେବୀ, ଅଳୀ ନାଗ, ବନି ଦେବୀ, ଜାନକୀ କୁମ୍ଭାର, ଲକ୍ଷ୍ମଣ ମୁଣ୍ଡାରୀ, ସାହିଲ ବୁଡା, ସୋମନାଥ କୁମ୍ଭାର, ପ୍ରମୋଦ ବାଗ, ରାଜୁ ସୁନା, ଅମନ ବେହେରା, ରୋଶନ ବେହେରା, ଆକାଶ ସୁନା, ପ୍ରକାଶ କଣ୍ଡୁ, ଦୀପକ ମହାନନ୍ଦ, ପ୍ରେମ୍ କୁମ୍ଭାର, ଜଗଦିଶ ପ୍ରଧାନ, ଅଭିଷେକ ପାଟଖେମିଆ, ଗଣେଶ ସୁନା, ପ୍ରିନ୍ସ କୁମାର ପ୍ରମୁଖଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ କର୍ମୀ ସେକ୍ଟର-୧୭, ୧୮, ୬ ଓ ବରକାନି ଇତ୍ୟାଦି ଅଞ୍ଚଳରୁ କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚି ଦଳରେ ଯୋଗଦାନ କରିଥିଲେ । ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ ସମସ୍ତ ନବାଗତ କର୍ମୀମାନଙ୍କୁ କଂଗ୍ରେସ ଦଳର ନେତୃତ୍ୱ ଉପରେ ଆଶା ଓ ବିଶ୍ୱାସ ପ୍ରକଟ କରି ଯୋଗଦାନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଆଗାମୀ ଦିନରେ ବିଭିନ୍ନ ପର୍ଯ୍ୟାୟରେ ଅନେକ ଅନ୍ୟ ଦଳର କର୍ମୀ କଂଗ୍ରେସରେ ଯୋଗ ଦେବେ ବୋଲି ଆଶା ପ୍ରକାଶ କରିଥିଲେ । ଏହି ମିଶ୍ରଣ ଉତ୍ସବ କୋଭିଡ୍ ନିୟମକୁ ଅନୁପାଳନ କରି ସମ୍ପନ୍ନ କରାଯାଇଥିଲା ବୋଲି ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।

## ମନୋରମା ମହାପାତ୍ରଙ୍କ ବିୟୋଗରେ ନବୀନ ପ୍ରତିଷ୍ଠାନ ପକ୍ଷରୁ ଶୋକସଭା



ବ୍ରହ୍ମପୁର (ପିଏନ୍): ବିଶିଷ୍ଟ ସାହିତ୍ୟିକା, ବାଗ୍ମୀ ପ୍ରବକ୍ତା, ସମାଜର ପୂର୍ବତନ ସମ୍ପାଦିକା ମନୋରମା ମହାପାତ୍ରଙ୍କ ବିୟୋଗରେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ସଭାପତି ରବି ରଥ ଏଥିରେ ଅଧକ୍ଷତା କରି ମନୋରମାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ଓଡ଼ିଶା ଓ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ, ମାନବବାଦ ଓ ସମାଜବାଦ ବିଚାରରେ ନିଜର ଓଜସ୍ୱିନୀ ଲେଖା ଓଡ଼ିଶାବାସୀଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ । ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଗତର ଏକ ଉଜ୍ଜ୍ୱଳତମ ନକ୍ଷତ୍ର ସବୁଦିନ ପାଇଁ ଅସ୍ତମିତ ହୋଇଗଲା ବୋଲି ସଭାରେ ମତ ପ୍ରକାଶ ପାଇଥିଲା । ଏଥିରେ କରମ୍ବା କମାଣ୍ଡୋର ଅଧକ୍ଷ ରାମକୃଷ୍ଣ ପାତ୍ର, ସମାଜସେବିକା ସରିତା ପଣ୍ଡା, ଭଗବତ ଚାରିଟେବଲ ଟ୍ରଷ୍ଟ ସଭାପତି ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ପ୍ରତିଷ୍ଠାନର ସାଧାରଣ ସମ୍ପାଦକ କପିଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ସୁଶାନ୍ତ କର, ନବୀନର ପ୍ରକାଶିକା ମଞ୍ଜୁ ରଥ, କବି ପ୍ରଫୁଲ୍ଲ ତ୍ରିପାଠୀ, ବି. ସତ୍ୟମ ଆଚାରୀ, ଏଚଏମଏସ ନେତା ସତ୍ୟ ନାରାୟଣ ତ୍ରିପାଠୀ, ସାମ୍ବାଦିକ ଅନୀଲ କୁମାର ପାଢ଼ୀ, କୃଷ୍ଣଚନ୍ଦ୍ର ପାଳ, ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ, ସୁଧୀର କୁମାର ପଣ୍ଡା, ବସନ୍ତ ଅଧିକାରୀ, ମାନସ ରଞ୍ଜନ ତ୍ରିପାଠୀ, ଜ୍ୟୋତ୍ସ୍ନା ମହାନ୍ତି, ପ୍ରକାଶ ନାରାୟଣ ରଥଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।


DISPLAY CLASSIFIED

FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.K.G. & U.K.G.

N-3B-14/15, Ekamra Kanan Road,Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact

Near Mukteswar Temple,

Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.K.G., U.K.G., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com


## ଗୋପୀନାଥପୁର ପଞ୍ଚାୟତର ସମସ୍ତ ଗାଁ ଜଳବନ୍ଦୀ, ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ

ବାଲେଶ୍ୱର (ପିଏନ୍): ଲଘୁଚାପ ବର୍ଷା ଫଳରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ଅନେକ ପଞ୍ଚାୟତ ବର୍ତ୍ତମାନ ପାଣିଘେରରେ ରହିଛନ୍ତି । ମହମାରୀ କରୋନା ସମୟରେ ବନ୍ୟା ବୋଝ ଉପରେ ନଳିତା ବିଡା ସଦୃଶ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ବିଜେପି ପକ୍ଷରୁ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି । ଗୋପୀନାଥପୁର ପଞ୍ଚାୟତର ସମସ୍ତ ଗ୍ରାମ ନିଳିଦା, ବାହାର୍ଦା, ନଳକୂଳି, ଅନାଳିଆ, ଟିଆଖିଆ, ଚକ ଜଗନ୍ନାଥପୁର ପ୍ରଭୃତି ଗ୍ରାମର ୧୫୦୦ରୁ ଊର୍ଦ୍ଧ୍ୱ ପରିବାର ବର୍ତ୍ତମାନ ପାଣିଘେରରେ । ଆଜିବି ପଞ୍ଚାୟତରେ ଆଣ୍ଠୁଏ ଆଣ୍ଠୁଏ ପାଣି । ବନ୍ୟା ଯୋଗୁଁ ଲୋକଙ୍କ ଘରେ ପାଣି ପଶିବା ଦ୍ୱାରା ଆସବାବପତ୍ର ସହ ଅନେକ ଶସ୍ୟଜାତୀୟ ଖାଦ୍ୟ ନଷ୍ଟ ହୋଇଯାଇଛି । ଲୋକଙ୍କ ଜୀବନ ଜୀବିକା ମଧ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । କିନ୍ତୁ ଅତ୍ୟନ୍ତ ଦୁଖର ବିଷୟ ଯେ ଏପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ କିମ୍ବା ବ୍ଲକ ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚିପାରିନାହିଁ । ୧୫୦୦ରୁ ଊର୍ଦ୍ଧ୍ୱ ପରିବାରକୁ ପ୍ରଶାସନ ମାତ୍ର ୭ କ୍ୱିଣ୍ଟାଲ ଚୁଡା ପ୍ରଦାନ ସମୁଦ୍ରକୁ ଶଙ୍ଖେ ସଦୃଶ । ଏହାଛଡା ପଞ୍ଚାୟତକୁ ଲାଇଫ ବୋଟ ମ୍ଭ ଦିଆଯାଇନାହିଁ ଫଳରେ ଜନସାଧାରଣ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ପ୍ରଶାସନକୁ ଶ୍ରୀ ଦତ୍ତ ଅନୁରୋଧ କରିବା ସହିତ ବନ୍ୟାର ସଫଳ ମୁକାବିଲା କରିବା ପାଇଁ ଭାରତୀୟ ଜନତା ପାର୍ଟି ସବୁ ପ୍ରକାର ସାହାର୍ଯ୍ୟ ଯୋଗାଇଦେବ ବୋଲି ସେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସଭାପତି ବୃନ୍ଦାବନ ରାଉତ, ବରିଷ୍ଠ ନେତା ବିଜୁ ପ୍ରଧାନ, ଯୁବ ନେତା ମାୟାଧର ପ୍ରଧାନ, ଯୁବମୋର୍ଚ୍ଚା ପଞ୍ଚାୟତ ସଭାପତି ଯୋଗେନ୍ଦ୍ର ପ୍ରଧାନ, ବାଦଲ ଦାସ, ସୁର ରାଉତ, ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ପବନ କମିଲା ସମେତ ଅନେକ କାର୍ଯ୍ୟକର୍ତ୍ତା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଜିଲ୍ଲା ପ୍ରଶାସନ ପାଳନ କଲା ନୂଆଖାଇ ପର୍ବ

କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଦ୍ୱାରା ଗତ ଶନିବାର ପୂର୍ବାହ୍ନରେ କେନ୍ଦ୍ରାପଡା ପୌରସଂସ୍ଥା ଟାଉନ ହଲରେ ନୂଆଖାଇ ପର୍ବ-୨୧ ପାଳିତ ହୋଇଯାଇଛି । ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ପର୍ବକୁ କେନ୍ଦ୍ରାପଡା ଜିଲ୍ଲା ସ୍ତରରେ ପ୍ରଥମ ଥର ପାଇଁ ଆଜି ପାଳିତ ହୋଇଛି । ଏହାର ମୁଖ୍ୟ ଉଦେଶ୍ୟ ହେଉଛି ଲୋକ ସଂସ୍କୃତିକୁ ବଞ୍ଚେଇ ରଖିବା ଓ ଜନମାନସରେ ଉଜ୍ଜୀବିତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା ମତବ୍ୟକ୍ତ କରିଛନ୍ତି । ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ତନ୍ମୟ କୁମାର ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ନୂଆଖାଇ ପର୍ବ ୨୦୨୧ ଉତ୍ସବରେ ସଂସ୍ଥା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ସମ୍ମାନୀୟ ଅତିଥି ଭାବେ ପ୍ରଭାସ ରଞ୍ଜନ ଦାସ ଯୋଗ ଦେଇଥିଲେ । ରୟାଲ ଡ୍ୟାନ୍ସ ଏକାଡେମି ଓ ଭାବଗ୍ରାହୀ କଳାନିକେତନର କଳାକାରମାନଙ୍କର ରଙ୍ଗବତୀ ଓ ରସଲକେଲୀ ସମ୍ବଲପୁରୀ ନୃତ୍ୟରେ ଦର୍ଶକମାନେ ବିମୋହିତ ହୋଇପଡିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଓ କୋଭିଡ ମାର୍ଗ ଦର୍ଶିକା ଅନୁଯାୟୀ ନୂଆଖାଇ ପର୍ବ ୨୦୨୧ ପାଳିତ ହୋଇଯାଇଛି । ଭାବଗ୍ରାହୀ କଳାନିକେତନର ସମ୍ପାଦକ ବିମଳ ପ୍ରସାଦ ପରିଡା ମଞ୍ଚ ପରିଚାଳନା କରିଥିଲା ବେଳେ ନିଜାରତ ବିଭାଗର ସେକ୍ସନ୍ ଅଧିକାରୀ ଦିବାକର ମହାନ୍ତି ଓ ବରିଷ୍ଠ ରାଜସ୍ୱ ସହାୟକ ପ୍ରଦିପ କୁମାର ଦାସ ସହାୟତା କରିଥିଲେ ।

## ଆଜାଦି କା ଅମ୍ରିତ ମହୋତ୍ସବ ପାଳନ ଉପଲକ୍ଷେ ଫିଟ୍ ଇଣ୍ଡିଆ ଫ୍ରିଡମ ରନ୍ ଆୟୋଜିତ

କେନ୍ଦ୍ରାପଡ଼ା (ପିଏନ୍): ଭାରତ ସ୍ୱାଧିନତାର ୭୫ବର୍ଷ ପାଳନକୁ କେନ୍ଦ୍ର ସରକାର ଦେଶବ୍ୟାପି ଆଜାଦିକା ଅମ୍ରିତ ମହୋତ୍ସବ ଭାବରେ ପାଳନ କରୁଛନ୍ତି । କେନ୍ଦ୍ର ଯୁବ ଓ କ୍ରୀଡା ମନ୍ତ୍ରଣାଳୟ, ଜିଲ୍ଲା ପ୍ରଶାସନ ଓ କେନ୍ଦ୍ରାପଡା ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଫିଟ୍ ଇଣ୍ଡିଆ ଫ୍ରିଡମ ରନ୍ କେନ୍ଦ୍ରାପଡା ଇଚ୍ଛାପୁର ମାଉସୀ ମା’ ମନ୍ଦିର ନିକଟରେ ଶନିବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି । ଜିଲ୍ଲା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଡଃ. ପଦ୍ମଜା କବି ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା କ୍ରିଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ସେନା ଅଧିକାରୀ ଭରତ ଚନ୍ଦ୍ର ଜେନା ଯଥାକ୍ରମେ ସମ୍ମାନୀୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ପ୍ରଦିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ଓ ଜଗତର ନାଥ ଜଗନ୍ନାଥ ଏବଂ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ । ସ୍ୱାଧିନତାର ମୂଲ୍ୟବୋଧକୁ ଉଦଜୀବିତ ରଖିବା ପାଇଁ ଜନ ସଚେତନତା ସୃଷ୍ଟି କରିବା ଓ ନିଜେ ସୁସ୍ଥ ରହି ସମାଜକୁ ସୁସ୍ଥ ରଖିବାର ବାର୍ତ୍ତା ଦେବା ହେଉଛି ଏହି ଗଣଦୌଡର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟ ଅତିଥି ତାଙ୍କ ଉଦବୋଧନରେ ମତବ୍ୟକ୍ତ କରିଥିଲେ । ସ୍ୱେଚ୍ଛାସେବୀ ପ୍ରସନ୍ନ କୁମାର ପରିଡା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଗଣଦୌଡ ଆରମ୍ଭ ପୂର୍ବରୁ ସ୍ୱେଚ୍ଛାସେବୀ ତଥା ଛାତ୍ରୀ ସାଗରିକା କର ଜଗନ୍ନାଥଙ୍କ ଫଟୋଚିତ୍ର ସମ୍ମୁଖରେ ଓଡିଶୀ ନୃତ୍ୟ ପରିବେଷଣ କରି ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି ସଭାରେ ଗଣାମାଧମ ପ୍ରତିନିଧି ଓ ବୁଦ୍ଧିଜୀବୀ, ସମାଜସେବୀ ଓ ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ ।

## ପାଟନାଳୀ ସଫେଇ ପାଇଁ ଜିଲ୍ଲା କୃଷକ ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା କୃଷକ ବିକାଶ ପରିଷଦ ପକ୍ଷରୁ କେନ୍ଦ୍ରାପଡାର ସମସ୍ତ ପାଟନାଳୀକୁ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କରାଯିବା ପାଇଁ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଚଳିତ ବର୍ଷାରେ ଜିଲ୍ଲାର ପ୍ରାୟ ସବୁ ପାଟରେ ୮ରୁ ୧୦ ଫୁଟର ପାଣି ଜମା ହୋଇ ହ୍ରଦର ଭ୍ରମ ସୃଷ୍ଟି କରୁଛି । ଗୁଆଲସିଂ, ପଲେଇ, ବଣହରା ପ୍ରଭୃତି ପାଟରେ ମାଛଧରାଳୀ ମାନେ ଖଟି ବସାଇ ପାଣିକୁ ଅବରୋଧ କରୁଥିବାବେଳେ କାଉପଡା, ଗୁଆଲସିଂ, ଚାଟରା, କୁଅଁରପୁର, ମରଡପୁର ଓ ବିଶିବିଲ ପ୍ରଭୃତି ପାଟରେ ଦଳ ଭର୍ତ୍ତି ହୋଇଥିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ । ଫଳରେ ହଜାର ହଜାର ହେକ୍ଟର ଧାନ ଫସଲ ଉଜୁଡି ଯିବାକୁ ବସିଲାଣି । ଅପରପକ୍ଷରେ ଡ୍ରେନେଜ କଟ ବିଭାଗ ନିଘୋଡ ନିଦରେ ଶୋଇଥିବାରୁ କାର୍ଯ୍ୟାଳୟରେ କାହାରି ଭେଟ ମିଳୁନଥିବା ନେଇ ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି । ଏଣୁ ଯୁଦ୍ଧକାଳୀନ ଭିତ୍ତିରେ କାଉପଡା, ଗୁଆଲସିଂ, ଚାଟରା ଓ କୁଅଁରପୁର ପାଟରୁ ମାଛଖଟିକୁ ହଟାଯିବା ସହିତ ଦଳ ସଫେଇ କରାଯାଇ ଚାଷୀମାନଙ୍କୁ ସହଯୋଗ ପ୍ରଦାନ କରାଯିବାକୁ ପରିଷଦ ଦାବି କରିଛି । ନଚେତ ଜିଲ୍ଲା କୃଷକ ବିକାଶ ପରିଷଦ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ପ୍ରଶାସନକୁ ଚେତାବନୀ ଦେଇଛି । ପରିଷଦର ସଭାପତି ବିଜୟ ପରିଡା, ସମ୍ପାଦକ ଦିପକ ବେହେରା, କୋଷାଧ୍ୟକ୍ଷ ନାରାୟଣ ମୁଦୁଲି, ଶାରଦା ମିଶ୍ର, ଅନନ୍ତ ବାସୁଦେବ ବରାଳ, ବିରବର ଦଳାଇ, ରାଜକିଶୋର ଦାସ, କାହ୍ନୁ ଚରଣ ସାହୁ, ରଞ୍ଜିତ କୁମାର ଦାସ, ଧରଣୀଧର ପରିଡା, ପୂର୍ଣ୍ଣଚନ୍ଦ୍ର ଭଦ୍ର ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।



# ମୋ ସହର

## 'ଗୌର ଆଣ୍ଡ ପାର୍ବତୀ' ପୁସ୍ତକ ଲୋକାର୍ପିତ






ଭୁବନେଶ୍ୱର : ବିଶିଷ୍ଟ ଥିଏଟର କଳାକାର ଅନନ୍ତ ମହାପାତ୍ରଙ୍କ କରକମଳରେ ତାଙ୍କ ବାସଭବନରେ GPG Enterprise ଦ୍ୱାରା ପ୍ରକାଶିତ 'ଗୌର ଆଣ୍ଡ ପାର୍ବତୀ'ପୁସ୍ତକ ଲୋକାର୍ପିତ ହୋଇଯାଇଛି । ପ୍ରଗତିଶୀଳ ଓଡିଆସମ୍ବାଦପତ୍ର 'ଆଶାପ୍ରଦୀପ' ବ୍ରାହ୍ମିପ୍ରିୟା ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ପରିଚାଳିତ 'AP New-Odia Youtube channel' ବ୍ୟାନର୍‌ରେ ଏହି ଲୋକାର୍ପଣ ପର୍ବ ଅନୁଷ୍ଠିତ ହୋଇଥିଲା । ଓଡ଼ିଆ ଚଳଚ୍ଚିତ୍ର ଜଗତର ଅନନ୍ୟ ତଥା କିମ୍ବଦନ୍ତୀ କଳାକାର ଦମ୍ପତି ଗୌରପ୍ରସାଦ ଘୋଷ ଏବଂ ପାର୍ବତୀ ଘୋଷଙ୍କ ସୁଯୋଗ୍ୟ କନ୍ୟା ରାତ୍ରୀ ଘୋଷବର୍ମନଙ୍କ ଅନନ୍ୟ ପ୍ରୟାସ ଏହି ପୁସ୍ତକ ସମ୍ପର୍କରେ ବିଶିଷ୍ଟ ଥିଏଟର କଳାକାର ଅନନ୍ତ ମହାପାତ୍ର ଭୂୟସୀ ପ୍ରଶଂସା କରିବା ସହ ପାର୍ବତୀ ଘୋଷ ଏବଂ ଗୌର ଘୋଷଙ୍କ ସହ ସ୍ମୃତିରାଜି ଅବତାରଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ, ପ୍ରାଚୀ ତାରା, ବୈଷ୍ଣବ ଚରଣ ମହାନ୍ତି, ମଞ୍ଜୁବାଳା ଦାସ, କ୍ଷୀରୋଦ ନାୟକ ପ୍ରମୁଖ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଓଡ଼ିଶାରେ ରେକର୍ଡ ସଂଖ୍ୟକ ଟିକାକରଣ :ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର : ଓଡ଼ିଶାରେ ରେକର୍ଡ ସଂଖ୍ୟକ ଟିକାକରଣ ହୋଇଥିବା ନେଇ ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ।ସେ କହିଛନ୍ତି ଯେ ଗତକାଲି ୪ ଲକ୍ଷ ୧୬ ହଜାର ଟିକା ଦିଆଯାଇଛି । ରାଜ୍ୟରେ ଗତ ଜାନୁଆରୀ ୧୬ ତାରିଖରେ ଟିକାକରଣ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୨ କୋଟି ୮୦ ଲକ୍ଷ ଟିକାକରଣ କରାଯାଇଛି। ଏହା ଭିତରୁ ୬୬ ପ୍ରତିଶତ ଲୋକ ପ୍ରଥମ ଡୋଜ ନେଇଛନ୍ତି।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି। ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ। ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି। ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି। ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି। ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍‌ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି। ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନୱର, ସେକ୍ ସିକ୍‌ରୁ, ଗେଜ ମୁଣ୍ଡା, ମୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ।

## ଶିଶୁ ଅଧିକାର ସୁରକ୍ଷା ପାଇଁ ବିଧାନସଭା ଫୋରମ୍ ଗଠନ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର : ଆମ ରାଜ୍ୟରେ ଶିଶୁ ଅଧିକାର ସୁରକ୍ଷା ସହ ସେମାନଙ୍କର ଶିକ୍ଷା, ଦକ୍ଷତାର ବିକାଶ, ଶିଶୁର ମାନସିକ ବିକାଶ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି ପାଇଁ ଓଡ଼ିଶାରେ କର୍ଣ୍ଣାଟକ ରାଜ୍ୟ ଭଳି ବିଧାନସଭା ଫୋରମ୍ ଗଠନ ପାଇଁ ମତପ୍ରକାଶ ପାଇଛି । ମଙ୍ଗଳବାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ତାଙ୍କ ପ୍ରକୋଷ୍ଠରେ ଏ ସଂକ୍ରାନ୍ତରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବାଲ୍ୟବିବାହ ନିରୋଧ, ଶିଶୁ ନିର୍ଯାତନା ବନ୍ଦ, ସେମାନଙ୍କର ଶିକ୍ଷା ଏବଂ ସ୍ୱାସ୍ଥ୍ୟର ଉନ୍ନତିକରଣ ପ୍ରଭୃତି ଶିଶୁ ଅନୁକୂଳ ପ୍ରସଙ୍ଗ ଉପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରେମ' ଏବଂ ଏଡୁକୋ, ସ୍ପେନ୍ ର ପ୍ରତିନିଧିମାନଙ୍କ ସହ ଏହି ବୈଠକରେ ବ୍ୟାପକ ଆଲୋଚନା ହୋଇଥିଲା। ମାତୃଗର୍ଭରୁ ଶିଶୁମାନଙ୍କୁ ସୁରକ୍ଷିତ କରିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ ଉପରେ ବୈଠକରେ ଉପସ୍ଥିତ ଶିଶୁ ଅଧିକାରକର୍ମୀ ତଥା କର୍ଣ୍ଣାଟକ ବିଧାନ ପରିଷଦ ସଭ୍ୟ ଗଣେଶ କାର୍ତିକ ମତ ଦେଇଥିଲେ । 'ମମତା' ଯୋଜନା ମାଧ୍ୟମରେ ଓଡ଼ିଶା ସରକାର ଶିଶୁ ମୃତ୍ୟୁ ହାର କମାଇବା ସହ ମାତୃକଲ୍ୟାଣ ଯୋଜନା ଗ୍ରହଣ କରିଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରକାଶ କରିଥିଲେ । ଏହି ଯୋଜନା ଏକ ଦୂରଦର୍ଶୀପୂର୍ଣ୍ଣ ଯୋଜନା ହୋଇଥିବା ସେ କହିବା ସହ ଏହା ଅନ୍ୟ ରାଜ୍ୟ ପାଇଁ ଆଦର୍ଶସ୍ଥାନୀୟ ହୋଇପାରିଛି ବୋଲି ମତ ଦେଇଥିଲେ । ଓଡ଼ିଶାରେ ଶିଶୁ ଅଧିକାରର ସୁରକ୍ଷା ପାଇଁ ଦାଦନ ଶ୍ରମିକମାନଙ୍କର ସନ୍ତାନମାନଙ୍କ ଉପଯୁକ୍ତ ଶିକ୍ଷା ଓ ବିକାଶ ପାଇଁ ୩୩୭ଟି ହଷ୍ଟେଲ ଖୋଲାଯାଇଥିବା ମଧ୍ୟ ମନ୍ତ୍ରୀ ପ୍ରକାଶ କରିଥିଲେ । ମହିଳା ଓ ଶିଶୁ ବିକାଶ ଉପରେ ଗଠନ କରାଯାଇଥିବା ଗୃହ କମିଟି ସହ ପରବର୍ତୀ ସମୟରେ ବୈଠକ କରି ଶିଶୁ ଅଧିକାର ଉପରେ ବ୍ୟାପକ ଆଲୋଚନା କରିବାକୁ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର 'ଏଡୁକୋ' ଏବଂ 'ପ୍ରେମ୍ 'ର କର୍ମକର୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରେମ୍' ପକ୍ଷରୁ ସ୍ପେନ୍‌ର 'ଏଡୁକୋ' ସହାୟତାରେ ଗଞ୍ଜାମ, କନ୍ଧମାଳ ଜିଲ୍ଲା ସମେତ ୫ଟି ଜିଲ୍ଲାରେ ଶିଶୁ ଅଧିକାରର ସୁରକ୍ଷା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବା ମଧ୍ୟ ବୈଠକରେ ମତ ପ୍ରକାଶ ପାଇଥିଲା । ଏହାକୁ ସମଗ୍ର ରାଜ୍ୟରେ ବ୍ୟାପକ କରିବା ପାଇଁ ବାଚସ୍ପତି ଡ. ପାତ୍ର ପରାମର୍ଶ ଦେଇଥିଲେ ।ଏହି ବୈଠକରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଏଡୁକୋ ନିର୍ଦ୍ଦେଶକ ଗୁରୁପ୍ରସାଦ, ଏଡୁକୋର ପ୍ରତିଷ୍ଠାତା ସଭାପତି ଡ. ଜାକୋବ୍ ଥୁଣ୍ଡାଇଲ୍ ଶିଶୁ ଅଧିକାର ଟ୍ରଷ୍ଟ, ବାଙ୍ଗାଲୋରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବାସୁଦେବ ଶର୍ମା, ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଯୋଗଦେଇଥିଲେ ।

## କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ଦେହାନ୍ତ



ଭୁବନେଶ୍ୱର : ଅତ୍ୟନ୍ତ ଗଭୀର ଦୁଃଖର ବିଷୟ ହେଉଛି ବିଶିଷ୍ଟ ସମାଜସେବୀ ତଥା ପରୋପକାରୀ କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଗତ ୨୧ତାରିଖ ରାତି ୧୧.୧୫ରେ କରୋନା ପରବର୍ତ୍ତୀ ଜଟିଳ ସମସ୍ୟା ଯୋଗୁଁ ଦେହାନ୍ତ ହୋଇଯାଇଛି କ୍ଷ ତାଙ୍କୁ ୭୨ ବର୍ଷ ହୋଇଥିଲା କ୍ଷ ସେ ବିଶିଷ୍ଟ ସ୍ତମ୍ଭକାର ସନ୍ତୋଷ କୁମାର ମହାପାତ୍ରଙ୍କ ନିଜ ବଡ ଭାଇ ଏବଂ ଜ୍ଞାନପୀଠ ପୁରସ୍କାର ବିଜେତା, ଡ଼ ସୀତାକାନ୍ତ ମହାପାତ୍ରଙ୍କ, ବିଶିଷ୍ଟ ଶିକ୍ଷାବିତ ଡ଼ ଉମାକାନ୍ତ ମହାପାତ୍ରଙ୍କ ସମ୍ପର୍କୀୟ ପୁତୁରା କ୍ଷସେ ବରଗଡ଼ ହୀରା ସିମେଣ୍ଟ ଫାକ୍ଟିରୁ ବରିଷ୍ଠ ପରିଚ୍ଚାଳକ ( Sr Manager ) ଭାବେ ଅବସରର ପରେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ କ୍ଷ କିଛି ମାସ ତଳେ ତାଙ୍କ ସାନପୁଅ ୪୨ ବର୍ଷରେ କରୋନାରେ ପ୍ରାଣ ହରାଇଥିଲେ କ୍ଷ ତାଙ୍କର ସ୍ତ୍ରୀ ଏବେ ଚ଼ିକିତ୍ସାଧୀନ ଅଛନ୍ତି କ୍ଷ ଦୁଇ ପୁଅ ତିନି ବୋହୂ, ନାତି ନାତୁଣୀ ଅନ୍ୟ ସାନଭାଇ ସୁବାସ ମହାପାତ୍ର , ଭଉଣୀ ଭିଣୋଇ ସହିତ ଅନ୍ୟାନ୍ୟ ସମ୍ପର୍କୀୟ, ବନ୍ଧୁବାନ୍ଧବ ଶେଷ ଦର୍ଶନ କରିଥିଲେ । ବଡ ପୁଅ ସତ୍ୟବ୍ରତ ମୁଖାଗ୍ନି ଦେଇଥିଲେ।

## ଓଡିଶା ଗସ୍ତରେ ଜାତିସଂଘ ପ୍ରତିନିଧି :୧୦ ଆକାଂକ୍ଷୀ ଜିଲ୍ଲାରେ ଏସଏଚଜିମାନଙ୍କୁ ଡିଜିଟାଲ ମାର୍କେଟିଂ ତାଲିମ ଦିଆଯିବ

ଭୁବନେଶ୍ୱର : ମିଳିତ ଜାତିସଂଘ ମହିଳା ଭାରତ ପ୍ରତିନିଧି ଶ୍ରୀମତୀ ସୁସାନ ଜେନ୍ ଫର୍ଗୁସନ୍ ତାଙ୍କର ପ୍ରଥମ ଓଡିଶା ଗସ୍ତରେ ଆସି ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧକ୍ଷ ସୁବ୍ରତ ବାଗ୍‌ଚିଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଏହି ଅବସରରେ ଶ୍ରୀ ବାଗ୍‌ଚି ରାଜ୍ୟ ସରକାର ମହିଳା ମାନଙ୍କ ପାଇଁ ଦକ୍ଷତା ବିକାଶ କ୍ଷେତ୍ରରେ ନେଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ପ୍ରତିନିଧି ଦଳର ସଦସ୍ୟମାନଙ୍କୁ ଅବଗତ କରାଇଛନ୍ତି । ଜାତିସଂଘ ମହିଳା, ଭାରତ ପ୍ରତିନିଧି ଶ୍ରୀମତୀ ଫର୍ଗୁସନ୍ ଓଡିଶା ସରକାର ଏବଂ ଜାତିସଂଘ ମହିଳାଙ୍କ ମଧ୍ୟରେ ସହଭାଗିତାକୁ ଉଚ୍ଚ ପ୍ରଶଂସା କରିଛନ୍ତି । ମିଶନ ଶକ୍ତି ମାଧ୍ୟମରେ ମହିଳା ସଶକ୍ତିକରଣ ବାବଦରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ପ୍ରଶଂସା କରିବା ସହିତ ଜାତିସଂଘ ମହିଳା ରାଜ୍ୟ ସରକାରଙ୍କ ସହ ବିଶେଷ କରି ଶିକ୍ଷା ଓ ବୃତିଗତ ପ୍ରଶିକ୍ଷଣରେ ଦ୍ୱିତୀୟ ସୁଯୋଗ ପ୍ରଦାନ (ସେକେଣ୍ଡ ଚାନ୍ସ ଏଜୁକେସନ ଏଣ୍ଡ ଭୋକେସନାଲ ଲର୍ଣ୍ଣିଂ) ମାଧ୍ୟମରେ ଏକ ଶକ୍ତିଶାଳୀ ଅଂଶୀଦାର ହେବାକୁ ଚାହାଁନ୍ତି ବୋଲି ସେ ପ୍ରକାଶ କରିଥିଲେ ।

## ରାଜ୍ୟ ସରକାର-ଗେଟ୍‌ସ ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର: କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ମାଧ୍ୟମରେ ଓଡ଼ିଶା ସରକାର ଏବଂ ବିଲ୍ ଓ ମିଲିଣ୍ଡା ଗେଟ୍‌ସ ଫାଉଣ୍ଡେସନ୍ ମଧ୍ୟରେ ରାଜ୍ୟରେ ନାମମାତ୍ର ଓ ଭୂମିହୀନ ଚାଷୀମାନଙ୍କର ଜୀବନଜୀବିକାର ସମୃଦ୍ଧି ପାଇଁ ନିରନ୍ତର କୃଷି ପ୍ରୋତ୍ସାହନ ଓ କୃଷି ପ୍ରଗତି ନିମନ୍ତେ ଅଧିକ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଫଳରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ବୈଷୟିକ ଜ୍ଞାନ, ପ୍ରଯୁକ୍ତି ଓ ସୃଜନଶୀଳ କାର୍ଯ୍ୟକ୍ରମ ଦ୍ୱାରା କ୍ଷୁଦ୍ର ଚାଷୀଙ୍କ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଅଧିକ ସୁଯୋଗ ସୃଷ୍ଟି କରିପାରିବ । କୃଷିକୁ ଚିରପୋଷଣୀୟ କରିବା, ବଜାର ଦକ୍ଷତା ବୃଦ୍ଧି, ଖାଦ୍ୟର ଗୁଣାତ୍ମକ ମାନ ବୃଦ୍ଧି ସହିତ ମରୁଡ଼ି ଆଶଙ୍କା କମାଇବା, କୀଟ ଆକ୍ରମଣ ଓ ଅନ୍ୟ ଜଳବାୟୁଜନିତ ବିପଦକୁ ହ୍ରାସ କରିବା, ମୃତ୍ତିକା ଓ ଜଳସମ୍ପଳ ପରିଚାଳନାକୁ ଦକ୍ଷ କରିବା ଆଦିରେ ନିଷ୍ପତି ଗ୍ରହଣ କରିବାରେ ଆବଶ୍ୟକ ହେଉଥିବା ତଥ୍ୟ ବ୍ୟବହାରକୁ ଗେଟ୍‌ସ ଫାଉଣ୍ଡେସନ୍ ତ୍ୱରାନ୍ୱିତ କରିବ। ତା'ଛଡ଼ା ନୀତି ରୂପାୟନରେ ଏହା ସହାୟକ ହେବ। ଜଳବାୟୁ ଉପଯୋଗୀ, ସମନ୍ୱିତ କୃଷି ଅର୍ଥନୀତି ସୃଷ୍ଟି ହେବା ଦ୍ୱାରା ଓଡ଼ିଶାର ଭୂମିହୀନ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ କ୍ଷେତ୍ରରେ ରୂପାନ୍ତରଣ ଆସିପାରିବ। ଏହି ବୁଝାମଣାପତ୍ର ମାଧ୍ୟମରେ ଗେଟ୍‌ସ ଫାଉଣ୍ଡେସନ୍ ଓ ଏହାର ଭାଗୀଦାରମାନେ ଡାଟା ସିଷ୍ଟମ୍, ପ୍ରଯୁକ୍ତି ବିଦ୍ୟା ବିକାଶ ଓ ଘରୋଇ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିପାରିବେ । ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଲେ ଯେ ଆମ ସରକାର ଚାଷ ଜମି, ପ୍ରାଣୀସଂପଦ, ଜଙ୍ଗଲ ଓ ମତ୍ସ୍ୟ ଉତ୍ପାଦନ ପରିଚାଳନା ନିମନ୍ତେ ଏକ ସମନ୍ୱିତ ପଦ୍ଧତି ଗ୍ରହଣ କରି ଆସିଥିବାବେଳେ ଖାଦ୍ୟ ନିରାପତା ଓ ଜଳବାୟୁ ପରିବର୍ତନ ସହିତ ଅନ୍ୟ କ୍ଷେତ୍ର ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଛି । ଭୂମିହୀନ ଶ୍ରମିକ, କ୍ଷୁଦ୍ର ଚାଷୀ ଓ ମହିଳାଙ୍କ ସମେତ ସମସ୍ତ ଚାଷୀଙ୍କର ଜୀବନଧାରାରେ ଗୁଣାତ୍ମକ ପରିବର୍ତନ ପାଇଁ ଆମ ସରକାର ବଦ୍ଧପରିକର। ଗେଟ୍‌ସ ଫାଉଣ୍ଡେସନ୍‌ର ସହଯୋଗରେ ଆମେ ବିଶ୍ୱର ଶ୍ରେଷ୍ଠ ପଦ୍ଧତି, ସର୍ବଶ୍ରେଷ୍ଠ ପ୍ରଯୁକ୍ତି ଓ ଅଭିନବ କୌଶଳ ଲାଭ କରିପାରିବୁ। ଏହା ଦ୍ୱାରା ଗ୍ରାମୀଣ ଲୋକଙ୍କ ପାଇଁ ସୂଚନା, ଦ୍ରବ୍ୟ, ସେବା ଓ ଭାଗୀଦାରିକୁ ଅଧିକ ପ୍ରୋତ୍ସାହିତ କରାଯାଇପାରିବ। ବିଲ୍ ଓ ମେଲିଣ୍ଡା ଫାଉଣ୍ଡେସନ୍ ର ନିର୍ଦ୍ଦେଶକ ଅଲକେଶ ୱାଧୱାନୀ କହିଲେ, ଓଡ଼ିଶା କ୍ଷୁଦ୍ର ଚାଷୀଙ୍କ ଜୀବିକାର ଉନ୍ନତି ପାଇଁ ଓଡ଼ିଶା ସରକାରଙ୍କୁ ଆମେ ସହଯୋଗ ଯୋଗାଇ ଦେବୁ । ଫାଉଣ୍ଡେସନ୍ ଓଡ଼ିଶା ସରକାରଙ୍କ ସହିତ କୃଷି, ମତ୍ସ୍ୟ ଓ ପ୍ରାଣୀସଂପଦ କ୍ଷେତ୍ରରେ ଅଧିକ ମୂଲ୍ୟଯୁକ୍ତ ଫସଲର ବିବିଧିକରଣ, କୃଷକ ଉତ୍ପାଦନକାରୀ ସଂଘଗୁଡ଼ିକର ସୁଦୃଢ଼ୀକରଣ ବଜାର ସୁବିଧା ସୃଷ୍ଟି, ଡିଜିଟାଲ୍ ସଂପ୍ରସାରଣ, ଭବିଷ୍ୟତ ପ୍ରଯୁକ୍ତି ଓ ସମନ୍ୱିତ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଡାଟାବେସ୍ ସୃଷ୍ଟି ଉପରେ ଏହା କାର୍ଯ୍ୟ କରିଆସୁଛି । ରାଜ୍ୟ ତରଫରୁ କୃଷି ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଓ ପ୍ରାଣୀସଂପଦ ବିକାଶ ନିର୍ଦ୍ଦେଶକ ଯେଦୁଲ୍ଲା ବିଜୟ ବିଲ୍ ଓ ମିଲିଣ୍ଡା ଫାଉଣ୍ଡେସନ୍ ତରଫରୁ ଡ. ଅଲକେଶ ୱାଧୱାନୀ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଭିଡ଼ିଓ ବାର୍ତା ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଭାତ କୁମାର ଅଗ୍ରୱାଲ , କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଓ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଆର. ରଘୁପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ତରଫରୁ ଜେଲ ଅନ୍ତେବାସୀଙ୍କୁ ମାସ୍କ ଏବଂ ହ୍ୟାଣ୍ଡ ଫ୍ରି ସାନିଟାଇଜର ପ୍ରଦାନ

କେନ୍ଦୁଝର,(ପିଏନ): କେନ୍ଦୁଝର ଜିଲ୍ଲା କାରାଗାରରେ ଥିବା ଅନ୍ତେବାସୀଙ୍କ ସୁରକ୍ଷା ଏବଂ କୋଭିଡ-୧୯ ସଂକ୍ରମଣ ରୋକିବା ପାଇଁ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ପକ୍ଷରୁ ମଙ୍ଗଳବାର ଦିନ ୬୦୦ମାସ୍କ,ସାନିଟାଇଜର,୪୦ଟି ହ୍ୟାଣ୍ଡ ଗ୍ଲୋବସ,ହ୍ୟାଣ୍ଡ ଫ୍ରି ସାନିଟାଇଜର,୨୦ଟି ପିପିଇ କିଟ,୬୦୦ ସାବୁନ ଦିଆଯାଇଛି। ଏହି ହ୍ୟାଣ୍ଡ ଫ୍ରି ସାନିଟାଇଜରରେ ହାତ ନଲଗାଇ ପ୍ୟାଡେଲ ମାଧ୍ୟମରେ ଗୋଡରେ ଚାପ ଦେଇ ହାତକୁ ସାନିଟାଇଜ କରାଯାଇପାରିବ। ଜେଲ ଅଧିକ୍ଷକ ଗରିବ ସାହୁ,ଜେଲର ଅମୀୟ ବେହେରା,ଆସିଷ୍ଟାଣ୍ଟ ଜେଲର ମହେଶ୍ୱର କୁଜୁର,କାରା ମଙ୍ଗଳ ଅଧିକାରୀ ପୂଜା ନାୟକ,ୱାର୍ଡର ସ୍ୱାଗତ କୁମାର ରଥଙ୍କ ଉପସ୍ଥିତିରେ ଲୋଡିଂ ଏଜେନ୍ସି ର ସମ୍ପାଦକ ଅଞ୍ଜନ କୁମାର ବେଜ,ପଞ୍ଚାନନ ବାରିକ ଏହି ସାମଗ୍ରୀ ପ୍ରଦାନ କରିଛନ୍ତି। ଲୋଡିଂ ଏଜେନ୍ସି ପକ୍ଷରୁ ଜେଲ ଅନ୍ତେବାସୀଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଥିବାରୁ ଜେଲ ତରଫରୁ ସାଧୁବାଦ ଜ୍ଞାପନ କରାଯାଇଛି।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡ଼ିଛି। ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି। ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି। ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପଞ୍ଚାୟତ ସମେତ ମାଳଦା,ଫୁଲଝର,କୁମ୍ଭିଶୁଆକାଟୀ,ବାଂଶପାଳ ଆଦି ପଞ୍ଚାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ। ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା। ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ। ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା। ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଅନେକ ସମୟରେ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରି କାରଖାନା କର୍ତ୍ତୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି। ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟକୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି। କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ। ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ। ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

## ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୂପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ। କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି। ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି। କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତୃଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାଉନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି। ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା। ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ। ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁର୍ପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା। ଏହି ର୍‍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି।

ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday September 23, 2021 ଭୁବନେଶ୍ୱର ଗୁରୁବାର, ସେପ୍ଟେମ୍ବର ୨୩,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ସିମାନ୍ତରେ ୧୪୪ ଧାରା ସତ୍ତ୍ୱେ ବେଆଇନ ପାଚେରୀ ନିର୍ମାଣ

ବାଲେଶ୍ୱର:ଓଡ଼ିଶାର ସିମାନ୍ତ ଅଞ୍ଚଳ ଉଦୟପୁର ବେଳାଭୂମି ନିକଟ ସ୍ଥାନରେ ଗତ ୭ ତାରିଖରେ ବଙ୍ଗୋ ପ୍ରଶାସନ ପକ୍ଷରୁ ବେଆଇନ ନିର୍ମାଣ କାମ କରାଯାଇଥିଲା। ଏହି ସ୍ଥାନ ଓଡ଼ିଶାରେ ହୋଇଥିବାରୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିରେ ୧୪୪ ଧାରା ଜାରି କରାଯାଇଛି। ମାତ୍ର ଏହାକୁ ଅମାନ୍ୟ କରି ବଙ୍ଗପ୍ରଶାସନ ପକ୍ଷରୁ ପୁଣି ୨୧ ତାରିଖ ଦିନ ସେଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭୋଗରାଇ ତହସିଲଦାର କମଳାକାନ୍ତ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ ବନ୍ଦ କରିଥିଲେ। ସେ ବଙ୍ଗପ୍ରଶାସନ ପକ୍ଷକୁ ଆଲୋଚନା ପାଇଁ ଡ଼ାକିଥିଲେ। କେହି ନଆସିବାରୁ ନିର୍ମାଣଧିନ ପାଚେରୀକୁ ଜେସିବିରେ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି।ସୂଚନା ଯୋଗ୍ୟ ଯେ ବଙ୍ଗପ୍ରଶାସନ ବାରମ୍ବାର ଓଡ଼ିଶା ସୀମାକୁ ମାଡ଼ି ଆସୁଥିବାରୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ୧୪ ତାରିଖରେ ସୀମାବର୍ତ୍ତୀ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଥିଲା। ଓଡ଼ିଶାର ଉଦୟପୁର ବେଳାଭୂମିର ବ୍ଲାକ୍‌ଟପ୍ ରାସ୍ତା ପାଖରୁ ପଶ୍ଚିମବଙ୍ଗର ଦୀଘା ଥାନା ଅଧିନ ଗଦାଧରପୁର ୱାଚ୍ ଟାୱାର ପର୍ଯ୍ୟନ୍ତ ଅଞ୍ଚଳ ମଧ୍ୟରେ ଉଭୟ ରାଜ୍ୟ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କରିପାରିବେ ନାହିଁ ବୋଲି ଡ଼ାକବାଜି ଯନ୍ତ୍ର ସାହାର୍ଯ୍ୟରେ ଘୋଷଣା କରାଯାଇଥିଲା। ମାତ୍ର ବଙ୍ଗପ୍ରଶାସନ ଏହାକୁ ଅମାନ୍ୟ କରିଥିବାରୁ ଭୋଗରାଇ ତହସିଲଦାର ସେଠାରେ ପହଞ୍ଚି କାମ ବନ୍ଦ କରାଇବା ସହ ଠିକାଦାରଙ୍କ ଜରିଆରେ ପଶ୍ଚିମବଙ୍ଗର ରାମ ନଗର ତହସିଲଦାରଙ୍କୁ ଆଲୋଚନା ପାଇଁ ଡ଼ାକିଥିଲେ। ଉଦୟପୁରଠାରୁ ରାମନାଗର ମାତ୍ର ୧୦ କିଲୋମିଟର ଦୂର ହୋଇଥିବା ବେଳେ ସେଠାକାର ତହସିଲଦାର ଆସିନଥିଲେ। ତେଣୁ ଶ୍ରୀ ପଣ୍ଡାଙ୍କ ନିର୍ଦ୍ଦେଶରେ ପାଚେରୀକୁ ଭାଙ୍ଗି ମାଟିରେ ମିଶାଇଦିଆଯାଇଛି। ଓଡ଼ିଶା ସରକାର ଦୂରନ୍ତ ସୀମା ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦୃଢ ଦାବି ହୋଇଛି।

## କେନ୍ଦ୍ରାପଡା ଜିଲ୍ଲାରେ ଆଜି ୬କରୋନା ପଜିଟିଭ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାରେ ବୁଧବାର ୬ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ କେନ୍ଦ୍ରାପଡା ବ୍ଲକରେ ୪ଜଣ କରୋନା ପଜିଟିଭ କେଶ ବାହାରିଥିବା ବେଳେ ମହାକାଳପଡା ବ୍ଲକରେ ଜଣେ, ମାର୍ଶାଘାଇ ବ୍ଲକରେ ଜଣେ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି।

## ମାଙ୍କଡ କାମୁଡା ଆତଙ୍କରେ ଆହତ ଜନସାଧାରଣ

ବାଲିଅନ୍ତା /ଧଉଳି: ବାଲିଅନ୍ତା ବ୍ଲକ୍ ଅଧିନସ୍ଥ ଉମାଦେଇ ବ୍ରହ୍ମପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟର ନିକଟ ପୁରୀ ମୁଖ୍ୟ କେନାଲ ବନ୍ଧ ଉପରେ ଏକ ମାଙ୍କଡ ଯାତାୟତ କରୁଥିବା ଜନସାଧାରଣଙ୍କୁ ଗୋଡେଇ କାମୁଡୁଥିବା ବୁଧବାର ଅପରାହ୍ନ ସମୟରେ ଦେଖିବାକୁ ମିଳିଛି । ସୂଚନା ଥାଉକି ଦୀର୍ଘ ୧୦ ଦିନ ହେବ ୩ଟି ମାଙ୍କଡ ପଂଚାୟତ କାର୍ଯ୍ୟାଳୟ ଆଖ ପାଖରେ ବିଭିନ୍ନ ପ୍ରକାର ଦୌରାତ୍ମ କରୁଥିବା ନେଇ ବନବିଭାଗକୁ ଅବଗତି କରାଇଥିଲେ ମଧ୍ୟ ବିଭାଗ ତରଫରୁ କୌଣସି ପଦକ୍ଷପ ଗ୍ରହଣ କରାଯାଇ ନାହିଁ । ଫଳରେ କଣ୍ଟୁଣିଆ ଗ୍ରାମରେ କିଛି ଛୋଟ ପିଲାଙ୍କୁ କାମୁଡିଥିବା ସୂଚନା ମିଳିଛି ।

## ଅଙ୍ଗନୱାଡି ପରିସରରେ ବର୍ଷା ପାଣି ଜମା




ବାଲିଅନ୍ତା : ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୫୦୦ମିଟର ଦୂରରେ ଗଡଶ୍ରୀରାମପୁର ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଅବସ୍ଥିତ ଅଟେ । ଏହି କେନ୍ଦ୍ର ଉପରେ ଆଖ ପାଖ ଅଂଚଳର ବହୁ ଜନସାଧାରଣ ତଥା କୋମଳ ମତି ଶିଶୁ, ଗର୍ଭବତୀ ଓ ପ୍ରସୃତୀ ମହିଳାମାନେ ସେମାନଙ୍କର ସ୍ୱାସ୍ଥ୍ୟ ମଙ୍ଗଳ ପାଇଁ ପ୍ରତ୍ୟେକ ଦିନ ଆସିଥାନ୍ତି । କିନ୍ତୁ ସେଠାକାର ପରିବେଶକୁ ଦେଖିଲେ ଜଣା ପଡେ ଯେପରିକି ପାଣି ଜମାଟ ସ୍ଥାନରେ ମାଛ ଚାଷ କରାଯାଇଛି । ବର୍ତମାନ ସମୟରେ କୋଭିଡି ୧୯ ଓ ଡେଙ୍ଗୁ ମଶାର ଭୟା ବହର ସଂକ୍ରମଣ ଲାଗି ରହି ଦିନକୁ ଦିନ ରୋଗୀ ସଂଖ୍ୟା ଯେଉଁ ଭଳି ଭାବେ ବୃଦ୍ଧି ପାଉଛି ଏହି ସ୍ଥାନକୁ ଦେଖିଲେ ଜଣାପଡୁଛି ଏହା ଏକ ବିଭିନ୍ନ ପ୍ରକାର ରୋଗ ସୃଷ୍ଟିର କେନ୍ଦ୍ରସ୍ଥଳି ଅଟେ । ଏହାର ପରିବେଶକୁ ପରିବର୍ତନ ପାଇଁ ସାଧାରଣରେ ଦାବି ହେଉଛି ।

## ବମ୍ବଲ ପକ୍ଷରୁ ୨୦୨୧ରେ ଦେଖାଯାଇଥିବା ଡେଟିଂ ଟ୍ରେଣ୍ଡସର ପ୍ରକାଶ

ଭୁବନେଶ୍ୱର: ମହିଳାମାନଙ୍କର ପ୍ରଥମ ଡେଟିଂ ଆପ, ବମ୍ବଲ ପକ୍ଷରୁ ଭାରତୀୟ ଡେଟିଂ କ୍ଷେତ୍ରର ଦେଖାଦେଇଥିବା ଆକର୍ଷଣୀୟ ଟ୍ରେଣ୍ଡ ସମ୍ପର୍କରେ ପ୍ରକାଶ କରାଯାଇଛି । ଭାରତୀୟ ଡେଟରମାନେ ବର୍ତ୍ତମାନ ନୂତନ ଲୋକମାନଙ୍କୁ ଭେଟିବାବେଳେ ସେମାନଙ୍କ ଡେଟିଂ ଜୀବନକୁ ନିୟନ୍ତ୍ରଣ କରିବାରେ ସ୍ପଷ୍ଟତା ଏବଂ ଆତ୍ମବିଶ୍ୱାସର ଏକ ନୂତନ ଭାବନା ପାଇଛନ୍ତି । ସମ୍ପ୍ରତି ବମ୍ବଲର ଜାତୀୟସ୍ତରୀୟ ଗବେଷଣା ଅନୁଯାୟୀ,ଆମ୍ଭେମାନେ ଏହା ଜାଣିବାକୁ ପାଇଛୁ ଯେ ଲୋକମାନେ କୋଭିଡ ପୂର୍ବ ଅପେକ୍ଷା ଅଧିକ ଉଦ୍ଦେଶ୍ୟମୂଳକ ଭାବେ ଡେଟିଂ କରୁଛନ୍ତି ଏବଂ ନିଜର ସମ୍ପର୍କରେ କଣ ଚାହୁଁଛନ୍ତି ସେ ସମ୍ପର୍କରେ ସେମାନେ ଅଧିକ ସତ୍ୟପ୍ରିୟ ।

## ସାଂସଦଙ୍କ ବନ୍ୟା ଅଞ୍ଚଳ ପରିଦର୍ଶନ

ବାଲେଶ୍ୱର:ବସ୍ତା ବ୍ଲକ ଅନ୍ତର୍ଗତ ଗହିରସିମୁଳିଆ ଗ୍ରାମ ସମ୍ପୂର୍ଣ୍ଣ ରୂପେ ଜଳ ଘେରରେ ରହିଥିବାର ଖବର ପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ବସ୍ତା ନିର୍ବାଚନ ମଣ୍ଡଳୀ ନେତା ରଘୁନାଥ ମହାନ୍ତି, ପ୍ରଦୀପ ପଣ୍ଡା, ଯୁବମୋର୍ଚ୍ଚ ସଭାପତି ରାକେଶ ମହାପାତ୍ର ପ୍ରମୁଖ ଉକ୍ତ ଗ୍ରାମକୁ ଯାଇ ପ୍ରତି ଘର ବୁଲି ଦେଖିଛନ୍ତି। ସମସ୍ତଙ୍କ ଘରେ ବର୍ଷା/ବନ୍ୟା ପାଣି ପଶିଥିବାର ପରିଲକ୍ଷିତ ହୋଇଛି। ଲୋକମାନେ ବହୁ କଷ୍ଟରେ କାଳାତିପାତ କରୁଛନ୍ତି, ଧାନ ଗଛଉଳ ଓଦା ହୋଇଯିବା ସହ ଅନେକ ମାଟି କାନ୍ଥ ଗଡ଼ି ପଡ଼ିଛି। ଏ ପର୍ଯ୍ୟନ୍ତ ବିଡ଼ିଓ, ତହସିଲଦାର ବା ଅନ୍ୟ କୌଣସି ଅଧିକାରୀ ଯାଇନାହାନ୍ତି। କୌଣସି ସରକାରୀ ସହାୟତା ମିଳିନାହିଁ। ଏହାଏକ ମାନବକୃତ ବନ୍ୟା ବୋଲି ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ କହିଛନ୍ତି। କେତେକ ପ୍ରଭାବଶାଳୀ ଧନବାନ ବ୍ୟକ୍ତିଙ୍କ ଅହଂକାର, ପୂର୍ତ୍ତ ଯନ୍ତ୍ରୀଙ୍କ ଦାୟିତ ହିନତା ଓ ପ୍ରଶାସନର ନିଷ୍କ୍ରିୟତା ପାଇଁ ଗରିବ ସାଧାରଣ ଜନତା ଆଜି ଜୀବନ ମରଣ ସଂଗ୍ରାମ କରୁଛନ୍ତି। ଜଳ ପ୍ରଭାବର ଆକଳନ ନକରି ପୋଲରୁ ଉଚ୍ଚତାକୁ କମ୍ କରିଥିବାରୁ ବପନ୍ୟା ପ୍ରକପ ଅଧି ହେଉଛି। ଜାତୀୟ ରାଜପଥର ଉଭୟ ପାର୍ଶ୍ୱକୁ ବେଆଇନ ଜବର ଦଖଲ କରି ମାଟି ପକାଇ ପୋତି ଦେବା, ତା ଉପରେ ପକ୍କା ଘର ବା ପାଚେରୀ ନିର୍ମାଣ କରିବା, ପୋଲର ମୁହଁକୁ ପକ୍କା କାନ୍ଥ ଦ୍ୱାରା ବନ୍ଦ କରିଦେବା କାରଣରୁ ଜଳର ସ୍ୱାଭାବିକ ଗତିପଥ ଅବରୋଧ ହେଉଥିବାରୁ ଜଳକା ନଦୀରେ ବର୍ଷା ଯୋଗୁଁ ପ୍ରବଳ ବନ୍ୟା ଆସୁଛି ଓ ଆଖପାଖ ଗାଁଗୁଡ଼ିକ ଜଳମଗ୍ନ ହେଉଛି। ଜଳକା ନଦୀବନ୍ଧ ମଧ୍ୟ ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇଛି। ଏହି ବନ୍ଧ ଭାଙ୍ଗିଲେ ଶହ ଶହ ଗାଁ ଭାସିଯିବ, ଅନ୍ୟାନ୍ୟ ଗାଁର ଅବସ୍ଥା ମଧ୍ୟ ତଦ୍ରୂପ। ପ୍ରଭାବିତ ଲୋକଙ୍କୁ କିଛି ଶୁଖିଲା ଖାଦ୍ୟ ବିତରଣ କରିବା ସହିତ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଫୋନ୍ ଯୋଗେ ଏଠାକୁ ଆସି ଘଟଣାର ଅନୁଧାନ କରି ଆଜି ଭିତରେ ପଲିଥିନ ଓ ଖାଦ୍ୟ ଯୋଗାଇ ଦେବା ପାଇଁ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେବା ସହିତ ସମସ୍ତ ଜବରଦଖଲକୁ ଉଚ୍ଛେଦ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ଡ୍ରେନେଜ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଶୀଘ୍ର କେନାଲ ଓ ସମସ୍ତ ଜଳମାର୍ଗକୁ ପରିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## କରୋନାରେ ମୃତ ବ୍ୟକ୍ତିଙ୍କ ଅମର ଆତ୍ମାର ଶାନ୍ତି ପାଇଁ ତ୍ରୀଦିବସିୟ ଅଖଣ୍ଡ ନାମଯଜ୍ଞ

କେନ୍ଦ୍ରାପଡ଼ା : ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଅବସରରେ ସମଗ୍ର ବିଶ୍ୱର ଶାନ୍ତି ଓ କରୋନାରେ ମୃତ ବ୍ୟକ୍ତିଙ୍କ ଅମର ଆତ୍ମାର ଶାନ୍ତି ନିମନ୍ତେ ଏକ ତ୍ରିଦିବସିୟ ଅଖଣ୍ଡ ମହାମନ୍ତ୍ର କୀର୍ତ୍ତନ ଓ ନାମଯଜ୍ଞ କରିବା ପାଇଁ ଗରାପୁର ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତ୍ରୀ ସ୍ୱାମୀ ଦିବ୍ୟ ସୁରୂପାନନ୍ଦ ସରସ୍ୱତୀ ଶଙ୍କଳ୍ପବଦ୍ଧ। କରୋନା ମହାମାରୀ ଦୁର ପାଇଁ ଆଶ୍ରମ ପରିସରରେ ଅଖଣ୍ଡ ନାମ ସଙ୍କୀର୍ତ୍ତନ କରାଯିବ। ଏହି କାର୍ଯ୍ୟକ୍ରମରେ ଡାକ୍ତର, ଶିକ୍ଷକ, ନର୍ସ ପୋଲିସ ବାହିନୀ, ପ୍ରଶାସନ, ସରକାରୀ କର୍ମଚାରୀ, ଗଣମାଧମ ପ୍ରତିନିଧି ଓ ସ୍ୱେଚ୍ଛାସେବୀମାନଙ୍କ ରୋଗମୁକ୍ତ ଦୀର୍ଘ ଜୀବନ ଏବଂ ଉତ୍ତରୋତ୍ତର ଉନ୍ନତି କାମନା କରାଯିବ। ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଉପଲକ୍ଷେ ଆସନ୍ତା ୨୪ସେପ୍ଟେମ୍ବର ଦିନ କେନ୍ଦ୍ରାପଡା ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ ଓ ଆଶ୍ରମ ପରିସରରେ ରୁଦ୍ରାଭିଷେକ, ବୃକ୍ଷରୋପଣ, ସ୍ୱାସ୍ଥ୍ୟସେବା ଏବଂ ନଗର ପରିକ୍ରମା ଆଦି କାର୍ଯ୍ୟକ୍ରମ କରାଯିବ। କାର୍ଯ୍ୟକ୍ରମ ପରେ ସମସ୍ତ ଭକ୍ତ ଆଶ୍ରମରେ ପ୍ରସାଦ ସେବନ କରିବାର ବ୍ୟବସ୍ଥା ରହିଛି। ଏଥିସହିତ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ସ୍ମୃତି କମିଟି ଆନୁକୁଲ୍ୟରେ ସାଧୁସେବା, ଭଜନ କୀର୍ତ୍ତନ, ସ୍ୱାମୀ ଚିଦାନନ୍ଦଙ୍କ ଶ୍ରଦ୍ଧାଞ୍ଜଳି ସଭା କରାଯିବ। ଏହି କାର୍ଯ୍ୟକ୍ରମରେ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ଗୁରୁଦେବଙ୍କ ସାନିଧ ଲାଭ କରିବାକୁ ଗରାପୁର ଶିବାନନ୍ଦ ଆଶ୍ରମର ସମ୍ପାଦକ ଶରତ ଚନ୍ଦ୍ର ପାତ୍ର ନିବେଦନ କରିଛନ୍ତି।

## ସମାଜସେବୀ ଅଜୟ ଦାଶଙ୍କ ଦ୍ୱାଦଶାହରେ ସ୍ମୃତିସଭା

କେନ୍ଦ୍ରାପଡ଼ା : ଖ୍ୟାତନାମା ସମାଜସେବୀ ତଥା ବରିଷ୍ଠ ରାଜନୀତିଜ୍ଞ ସ୍ୱର୍ଗତ ଅଜୟ କୁମାର ଦାଶଙ୍କ ଦ୍ୱାଦଶାହ ଅବସରରେ ତାଙ୍କ ଖମାରକେଶପୁରସ୍ଥିତ ବାସଭବନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ପୂର୍ବତନ କେନ୍ଦ୍ରାପଡା ବିଦାୟକ କିଶୋର ଚନ୍ଦ୍ର ତରାଇ, ପ୍ରାକ୍ତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ, ପୂର୍ବତନ ନଗରପାଳ ବିଜୟକୃଷ୍ଣ ସାହୁ, ପ୍ରଦୀପ୍ତ ମହାନ୍ତି, କପାଳେଶ୍ୱର ପଞ୍ଚାୟତ ସରପଞ୍ଚ ଗାୟତ୍ରୀ ମହାନ୍ତି, ବରିଷ୍ଠ ସ୍ତମ୍ଭକାର ଶ୍ରୀରାମ ଦାଶ, ବିଶ୍ୱହିନ୍ଦୁ ପରିଷଦ ସଭାପତି ବାନାମ୍ବର ସାହୁ, ଗୋପିନାଥ ତ୍ରିପାଠୀ, ମନୋଜ ଶତପଥୀ, ଆଇନଜୀବୀ ପ୍ରଦୀପ କୁମାର ଦାଶ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବି ସାମଲ, ଜ୍ଞାନରଞ୍ଜନ ମହାନ୍ତି, ତ୍ରିଲୋଚନ ଦାସ, ଗଙ୍ଗାଦର ପାତ୍ର, ବାବାଜି ଚରଣ ସାମଲ, ଗୋବିନ୍ଦ ଚନ୍ଦ୍ର କର, ଭାସ୍କର ଦାଶ, ଭାଗୀରଥି ଜେନା, ବିପିନ ବିହାରୀ ମହାପାତ୍ର, ଗଇନ ମଳିକ, ଶୈଳେନ୍ଦ୍ର କୁମାର ସ୍ୱାଇଁ, ଅଭିମନ୍ୟୁ ଗୋଛାୟତ, ଅମ୍ବିକା ପରିଡା, ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିବା ସହ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ତାଙ୍କପୁତ୍ର ଅକ୍ଷୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀ ଲିଙ୍ଗରାଜଙ୍କ ବହୁମୂଲ୍ୟ ଭୂ ସମ୍ପତ୍ତି ହଡ଼ପ ମସୁଧାପ୍ରସଙ୍ଗ: ଆନ୍ଦୋଳନ ତେଜିଲା: ଦେବତ୍ତୋର ବିଭାଗକୁ ଦାବିପତ୍ର

ଭୁବନେଶ୍ୱର : ଶ୍ରୀ ଲିଙ୍ଗରାଜ ମନ୍ଦିର ଉତ୍ତରପାର୍ଶ୍ୱର ୧୦୦ ମିଟର ମଧ୍ୟରେ ରହିଛି ଏକ ଘରୋଇ ଯାତ୍ରୀ ନିବାସ ଯାହା କୋରାପୁଟ ଭବନ ନାମରେ ସମ୍ପ୍ରତି ନାମିତ ହୋଇ ରହିଛି । ଯେଉଁ ଜମିର ମୂଳ ମାଲିକାନା ସତ୍ତ୍ୱ ଶ୍ରୀ ଲିଙ୍ଗରାଜ ମହାପ୍ରଭୁ ମାର୍ଫତ ଶ୍ରୀ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ସେଥିରେ ଅଞ୍ଚଳ ନାମକ ଜନୈକ ବ୍ୟକ୍ତି ଭୂସମ୍ପତ୍ତିର ମୂଳ ରେକର୍ଡ଼କୁ ଚଞ୍ଚକତା ପୂର୍ବକ ପରିବର୍ତ୍ତନ କରି ନିଜନାମକୁ କରିବାକୁ ସକ୍ଷମ ହେବା ସହ ସେଠାରେ ବୃହତ୍ତ ଅଟ୍ଟାଳୀକା ନର୍ମାଣରେ ଏହାକୁ ଘରୋଇ ଯାତ୍ରୀ ନିବାସ ହିସାବରେ ଭଡ଼ା ଲଗାଇ ଅର୍ଥ ଉପାର୍ଜନ କରୁଥିବା ନେଇ ଏକାମ୍ର ଜନଜାଗରଣ ମଞ୍ଚ ମଙ୍ଗଳବାର ଦେବୋତ୍ତୋର କମିଶନରଙ୍କୁ ପ୍ରଦାନ କରିଥିବା ଦାବି ପତ୍ରରେ ଉଲ୍ଲେଖ ହୋଇଛି । ସେହିଭଳି ଏକାମ୍ର ବିକାଶ ଯୋଜନାରେ ଏହାର ଫାଇଦା ନେବାକୁ ଯାଇ ବି.ଏମ.ସି. ଅଧିକାରୀ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସଲାସୁତରା କରାଯିବା ପୂର୍ବକ ବି.ଏମ.ସି ପକ୍ଷରୁ ପ୍ରେରିତ ପତ୍ର ସଂଖ୍ୟା - ୬୯୯୫୩, ତା୦୮.୦୯. ୨୦୨୧ରିଖରେ ଜିଲ୍ଲାପାଳ ତଥା ଶ୍ରୀ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ଅଧକ୍ଷଙ୍କୁ ଟ୍ରଷ୍ଟବୋର୍ଡ଼ରେ ହେବାକୁ ଥିବା ମିଟିଙ୍ଗରେ ସହମତି ପ୍ରଦାନ ନିମନ୍ତେ ଆଲୋଚନା କରାଯାଇ ଏହି ବ୍ୟକ୍ତି ବିଶେଷଙ୍କୁ ସାନିଟୋରିୟମ ଛକ, ବଉଳଗଡ଼ଠାରେ ଶ୍ରୀ ଲିଙ୍ଗରାଜଙ୍କ ନାମରେ କୋଟି କୋଟି ଟଙ୍କାର ମୂଲ୍ୟବାନ ୧ଏକର ୬୫୬ଡ଼ିସିମିଲି ଜମିରୁ ୦.୪୭୬ଡ଼ିସିମିଲ ଜମିକୁ କ୍ଷତିପୂରଣ ବାବଦ ଦେବାପାଇଁ ମସୁଧା ପ୍ରସ୍ତୁତ ହେଉଅଛି ।

## ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଲେ ରାଜେନ୍ଦ୍ର ପଣ୍ଡା

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ରାଜେନ୍ଦ୍ର କୁମାର ପଣ୍ଡା ଯୋଗଦେଇଛନ୍ତି। ଶ୍ରୀ ପଣ୍ଡା ଭଦ୍ରକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ଭାବେ କାର୍ଯ୍ୟରତ ଥିଲେ। ଏଠାରେ ଥିବା ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲିପ କୁମାର ପରିଡାଙ୍କ ଏଠାରୁ ବଦଳି ହୋଇଯାଇଛି।

## କିଆଝର ପଂଚାୟତରେ ୧୪୦୦ଜଣଙ୍କୁ ଟୀକା ପ୍ରଦାନ



ଖଣ୍ଡପଡ଼ା:ଖଣ୍ଡପଡା ବ୍ଲକ ଅଧିନ କିଆଝର ପଂଚାୟତର ଜନସାଧାରଣଙ୍କୁ କୋଭିଡ ଟୀକା ପ୍ରଦାନ ନିମନ୍ତେ ୬ଟି ସ୍ଥାନରେ ବୁଧବାର ଟୀକାଦାନ କେନ୍ଦ୍ର ଖୋଲାଯାଇଥିଲା। ଉକ୍ତ ୬ଟି କେନ୍ଦ୍ରରେ ସର୍ବମୋଟ ୧୪୦୦ ଜଣ ପୁରୁଷ ଓ ମହିଳାଙ୍କୁ ଟୀକା ପ୍ରଦାନ କରାଯାଇଥିବା ଜଣାପଡିଛି । କିଆଝର ପଂଚାୟତ ସରପଂଚ ଚନ୍ଦ୍ରକାନ୍ତ ବଳିୟାରସିଂଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ବିଭାଗ ଟିମ ସମସ୍ତ ଟୀକାଦାନ କେନ୍ଦ୍ରରେ ଉପସ୍ଥିତ ରହି ଟୀକା ପ୍ରଦାନ କରିବା ସହ କୋଭିଡ କଟକଣା ସଂପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ।

## ଅସହାୟା ମହିଳାଙ୍କ ବାସଗୃହ ଭାଙ୍ଗିଦେଇଥିବା ଅଭିଯୋଗ

କେନ୍ଦ୍ରାପଡ଼ା : ଜଣେ ସ୍ୱାମୀ ପରିତ୍ୟକ୍ତା ଅସହାୟ ଭୂମିହୀନ ମହିଳାଙ୍କ ବାସଗୃହ ଜନୈକ ଶିକ୍ଷକ ଭାଙ୍ଗିଦେଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଥିଲେ ବି ପୋଲିସ କୌଣସି ପଦକ୍ଷେପ ନେଇନଥିବା ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ରାଜନଗର ଥାନା ଅନ୍ତର୍ଗତ ସାନବଡଗୋପାଳପୁର ଗ୍ରାମର ସ୍ୱାମୀ ପରିତ୍ୟକ୍ତା ତଥା ଭୂମିହୀନା ମହିଳା ସୁଲୋଚନା ମହାନ୍ତି ତାଙ୍କର ଗୋଟିଏ ପୁଅ ଏବଂ ଅନ୍ୟ ଏକ ଝିଅ ସହିତ ଦୀର୍ଘଦିନ ଧରି ରାଜନଗର ତହସିଲ ଅଧିନ ଗର୍ଜନପୁର ମୌଜାର ଖାତା ନମ୍ବର ୨୦୭ ଓ ପ୍ଲଟ ନମ୍ବର ୪୩୮ ରକବା ଏ୦.୦୧ ଡିସିମିଲ ସରକାରୀ ଜମି (ପାଣିନାଳ ପାଖରେ)ଉପରେ ଚାଳଛପର ଘର କରି ରହି ଆସୁଥିଲେ। ସେହି ପ୍ଲଟ ପଛରେ ଶିକ୍ଷକ ନଳିନୀରଞ୍ଜନ ରାଉତ ଏକ ଜମି କିଣିଥିଲେ। ହଠାତ ଶିକ୍ଷକ ଶ୍ରୀ ରାଉତ ସୁଲୋଚନାଙ୍କ ଅସହାୟତାର ସୁଯୋଗ ନେଇ ସେ ରହୁଥିବା ଘରଟିକୁ ରାତି ଅଧରେ ଭାଙ୍ଗି ଦେଇ ସରକାରୀ ପାଣିନାଳକୁ ମଡାଇ ତାଙ୍କ କିଣା ଜମି ଚର୍ତୁପାର୍ଶ୍ୱରେ ପାଚେରୀ ନିର୍ମାଣ କରିଦେଲେ। ଏସମ୍ପର୍କରେ ସୁଲୋଚନା ରାଜନଗର ତହସିଲଦାର ଏବଂ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିଲେ ବି ସେମାନଙ୍କ ଠାରୁ କୌଣସି ନ୍ୟାୟ ପାଇନଥିଲେ। ଏଣୁ ସୁଲୋଚନା ବୁଧବାର ଉପଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ଭେଟି ତାଙ୍କ ଭଳି ବାସହୀନ ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ବେହେରା ଏସମ୍ପର୍କରେ ତଦନ୍ତ କରି ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray